ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୩ ଜାନୁଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 23 JANUARY 2023

Vol.No. 34 ■ No. 22 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଶୁଟଆଉଟରେ ହାରି ବିଶ୍ୱକପରୁ ଟିମ ଇଣ୍ଡିଆ ଆଉଟ୍

ଭୁବନେଶ୍ୱର,୨୨/୦୧ (ନି.ପ୍ର): ଓଡ଼ିଶାରେ ହକି ବିଶ୍ୱକପ ଜିତିବାକୁ ଭାରତ ଦେଖିଥିବା ସ୍ୱପ୍ନ ଅଧା ରହି ଯାଇଛି । ଆଜି କଳିଙ୍ଗ ଷ୍ଟାଡିୟମରେ ଖେଳାଯାଉଥିବା କ୍ରସଓଭର ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ଠାରୁ ଶୁଟ ଆଉଟରେ ହାରି ଭାରତ ବିଶ୍ୱକପରୁ ବିଦାୟ ନେଇଛି । ନିର୍ଦ୍ଧାରିତ ସମୟରେ ଦୁଇ ଦଳ ୩-୩ ଗୋଲ ସ୍କୋର କରିବାରୁ ମ୍ୟାଚ୍ ଶୁଟ ଆଉଟକୁ ଯାଇଥିଲା । ପ୍ରଥମ ୫ଟି ଶଟ ପରେ ଦୁଇ ଦଳ ପୁଣି ୩-୩ ସ୍ତରରେ ରହିଥିଲେ । ଏହାପରେ ନ୍ୟୁଜିଲ୍ୟାଣ୍ଡ ଶଟ ମାରିଥିଲେ ମଧ୍ୟ ଶ୍ରୀଜେଶ ଏହାକୁ ଅଟକାଇ ଦେଇଥିଲେ । ଭାରତ ପାଖରେ ଲିଡ୍ ପାଇଁ ସୁଯୋଗ ଥିଲେ ମଧ୍ୟ ଏହାକୁ ଅଧିନାୟକ ହରମନପ୍ରୀତ ସିଂହ ହାତ ଛଡ଼ା କରିଥିଲେ । ପ୍ରଥମ ଶଟ ଅଟକାଇବା ପରେ ପିଆର ଶ୍ରୀଜେଶ ଆହତ ହୋଇଥିଲେ । ଏଥିପାଇଁ କିଶନ ପାଠକ ମୈଦାନକୁ ଓହ୍ଲାଥିଲେ । ତେବେ ଦୁଇ ଦଳ ନିଜ ନିଜର ଦ୍ୱିତୀୟ ଶଟ୍‌ରେ ସଫଳତା ପାଇଥିଲେ । ତୃତୀୟ ଶଟ୍ ନ୍ୟୁଜିଲ୍ୟାଣ୍ଡ ମିସ୍ କରି ଯାଇଥିଲା । ଭାରତ ମଧ୍ୟ ତୃତୀୟ ଗୋଲ ସ୍କୋର କରି ପାରି ନଥିଲା । ୪ର୍ଥ ଶଟ୍ ନ୍ୟୁଜିଲ୍ୟାଣ୍ଡ ସଫଳତାର ସହ ଗୋଲ କରି ପୁଣି ଭାରତ ଉପରେ ଚାପ ସୃଷ୍ଟି କରିଥିଲା । ଭାରତ ପାଇଁ ଶମଶେର ସିଂହ ୪ର୍ଥ ଶଟ୍ ମାରିଥିଲେ ମଧ୍ୟ ଭାରତକୁ ରି-ଟେକ୍ ସୁଯୋଗ ମିଳିଥିଲା । କିନ୍ତୁ ଏହାକୁ ମଧ୍ୟ ଗୋଲରେ ପରିଣତ କରିପାରି ନଥିଲେ ଶମଶେର । ଫଳରେ ନ୍ୟୁଜିଲ୍ୟାଣ୍ଡ ୪-୫ ଶୁଟ ଆଉଟରେ ମ୍ୟାଚ୍ ଜିତି ଭାରତକୁ ବିଶ୍ୱକପରୁ ବିଦା କରି ଦେଇଛି । ଭାରତ ଏବେ ୨୬ ତାରିଖରେ କ୍ଲାସିଫେକସନ ମ୍ୟାଚ୍‌ରେ ଜାପାନକୁ ଭେଟିବ । ସେହିପରି ନ୍ୟୁଜିଲ୍ୟାଣ୍ଡ ବିଶ୍ୱର ୨ନଂ ଦଳ ବେଲଜିୟମ ସହ କ୍ୱାର୍ଟର ଫାଇନାଲରେ ଲଢ଼େଇ କରିବ । ଗ୍ରୁପ ଡି'ରୁ ଭାରତ ଦ୍ୱିତୀୟ ଦଳ ଭାବେ କ୍ରସ ଓଭର ମ୍ୟାଚ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ଗ୍ରୁପ ସି'ରୁ ତୃତୀୟ ଦଳ ଭାବେ ପରବର୍ତ୍ତୀ ରାଉଣ୍ଡକୁ ଯାଇଥିଲା । ବିଶ୍ୱ ରାଙ୍କିଙ୍ଗରେ ମଧ୍ୟ ନ୍ୟୁଜିଲ୍ୟାଣ୍ଡ ତୁଳନାରେ ଭାରତ ଯଥେଷ୍ଟ ଆଗରେ ଥିଲା । ଲାଗୁଥିବା ଭାରତ ମ୍ୟାଚ୍‌କୁ ଜିତି କ୍ୱାର୍ଟର ଫାଇନାଲକୁ ଯିବ । ମ୍ୟାଚ୍‌ର ପ୍ରଥମ କ୍ୱାର୍ଟରରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ସ୍ଥିତି ୦-୦ ରହିଥିଲା । ତେବେ ଦ୍ୱିତୀୟ କ୍ୱାର୍ଟରର ତୃତୀୟ ମିନିଟରେ ଲଳିତ କୁମାର ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ୧-୦ରେ ଆଗୁଆ କରି ଦେଇଥିଲେ । ଭାରତକୁ ୨୩ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଓଡ଼ିଆ ପୁଅ ଅମିତ ରୋହିଦାସ ଗୋଲରେ ପରିଣତ କରି ପାରି ନଥିଲେ । ସେହିପରି ୨୫ତମ ମିନିଟରେ ମିଳିଥିବା ପିସି ମଧ୍ୟ ହରମନପ୍ରୀତ ସିଂହ ବେକାର କରି ଦେଇଥିଲେ । କିନ୍ତୁ ରି-ବାଉଣ୍ଡରେ ଆସିଥିବା ବଲ୍‌କୁ ସୁଖଜିତ ସିଂହ ଗୋଲରେ ପରିଣତ କରି ଭାରତକୁ ୨-୦ରେ ଆଗୁଆ କରି ଦେଇଥିଲେ । ଦ୍ୱିତୀୟ କ୍ୱାର୍ଟର ସରିବାକୁ

ଘାଟିରେ ୨୪ ଘଣ୍ଟାରେ ତୃତୀୟ ବିସ୍ଫୋରଣ, ୮ ଆହତ

ନୂଆଦିଲ୍ଲୀ,୨୨/୦୧ : କପୁଣି ବିସ୍ଫୋରଣରେ ଥରିଲା ଘାଟି । ଜମ୍ମୁ କଶ୍ମୀରରେ ଗତ ୨୪ ଘଣ୍ଟା ମଧ୍ୟରେ ତୃତୀୟ ଥର ପାଇଁ ବିସ୍ଫୋରଣ ହୋଇଛି । ବିଳମ୍ବିତ ରାତିରେ ବଜାଲତା ଗାଁରେ ଏହି ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି । ଏଥିରେ ଜଣେ ପୁଲିସ କନଷ୍ଟେବଳ ଆହତ ହୋଇଛନ୍ତି । ଏହାପୂର୍ବରୁ ନରୱାଲର ଟ୍ରାନ୍ସପୋର୍ଟ ନଗରରେ ବିସ୍ଫୋରଣ ହୋଇଥିଲା । ଏଥିରେ ୭ ଜଣ ଆହତ ହୋଇଥିଲେ । ପୁଲିସ ସୂଚନା ମୁତାବକ, ସିଧରାର ବଜାଲତା ଛକରେ ଥିବା ଏକ ୟୁରିଆ ସାର ଭର୍ତ୍ତି ଟ୍ରକ୍‌ରେ ଏହି ବିସ୍ଫୋରଣ ଘଟିଛି । ସୁରିନ୍ଦର ସିଂହ ନାମକ ଜଣେ କନଷ୍ଟେବଳ ଡ୍ୟୁଟରେ ଥିବା ବେଳେ ଉକ୍ତ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରୁଥିଲେ । ଏହି ସମୟରେ ଟ୍ରକ୍‌ରେ ବିସ୍ଫୋରଣ ହୋଇଥିଲେ । ଫଳରେ ସେ ଗୁରୁତର ହୋଇଛନ୍ତି । ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଯାଞ୍ଚରୁ ଏହା ପୂର୍ବ ଯୋଜନା ମୁତାବକ ବିସ୍ଫୋରଣ ଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ, ଶନିବାର ଜମ୍ମୁର ନରୱାଲ ଅଞ୍ଚଳରେ ୩୦ ମିନିଟ ମଧ୍ୟରେ ଦୁଇଟି ବଡ ଧରଣ ବିସ୍ଫୋରଣ ହୋଇଥିଲା । ଏଥିରେ ୭ ଜଣ ଆହତ ହୋଇଥିଲେ । ଏକ କବାଡି ଦୋକାନରେ ଏହି ବିସ୍ଫୋରଣ ଘଟିଥିଲା । ଜାନୁଆରୀ ୨୬ ପୂର୍ବରୁ ଜମ୍ମୁ-କଶ୍ମୀରରେ ଲଗାତର ଏଭଳି ବିସ୍ଫୋରଣ ହେଉଥିବା ଯୋଗୁଁ ଚାରିଆଡେ ହାଇ ଆଲର୍ଟ ଜାରି କରାଯାଇଛି । ସେପଟେ କଂଗ୍ରେସର ଭାରତ ଯୋଡୋ ଯାତ୍ରାକୁ ନେଇ ମଧ୍ୟ ପୂରା ଆଲର୍ଟ ମୁଡ୍‌ରେ ରହିଛି ସୁରକ୍ଷାବାହିନୀ ।

ଆଜି ପାଳିତ ହେବ ନେତାଜୀ ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨/୦୧ (ନି.ପ୍ର): ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆସନ୍ତା କାଲି ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ପାଳିତ ହେବ । ଏହି ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଏକ ସାଧାରଣ ସଭାର ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ସକାଳ ୮ଟାରେ ରସୁଲଗଡ ଛକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଓ ୮.୩୦ ମିନିଟରେ ଭିଏସଏସ ନଗରରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଏହା ପରେ ସଂଧ୍ୟାରେ ସ୍ଥାନୀୟ ଜୟଦେବ ଭବନ ଠାରେ ସାଧାରଣ ସଭା ଆୟୋଜିତ ହେବ । ଏହି ସଭାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ମନ୍ତ୍ରୀ ପ୍ରଦୀପ କୁମାର ଅମାତ ସଭାପତିତ୍ୱ କରିବେ । ମୁଖ୍ୟ ଅତିଥି ଭାବେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଧାୟକ ସୌଭିକ ବିଶ୍ୱାଳ, ଉତ୍କଳ ପ୍ରସଙ୍ଗର ସମ୍ପାଦିକା କସ୍ତୁରୀ ମହାପାତ୍ର ଯୋଗ ଦେବେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଡୟ ନାରାୟଣ ପଣ୍ଡା ସାମିଲ ହେବେ ।

ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୨୨/୦୧ (ନି.ପ୍ର): ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସ୍ଥାନୀୟ ହୋଟେଲରେ ପାର୍ଟୀର ରାଜ୍ୟ କାର୍ଯ୍ୟକାରିଣୀର ବୈଠକ ଆୟୋଜିତ ହୋଇଛି । ଏହି ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ, ରାଜ୍ୟ ପ୍ରଭାରୀ ଶ୍ରୀମତୀ ଡି.ପୁରନ୍ଦେଶ୍ୱରୀ, ରାଜ୍ୟ ସହ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ କାର୍ଯ୍ୟକାରିଣୀର ସଦସ୍ୟ ମାନେ ଯୋଗ ଦେଇଛନ୍ତି । ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭୟଙ୍କର ବେକାରୀ ସମସ୍ୟା, ଚାଷୀ ମାନଙ୍କ ସମସ୍ୟା, ସବୁ କ୍ଷେତ୍ରରେ ଦୁର୍ନୀତି, କେନ୍ଦ୍ର ସରକାର ମହିଳା ମାନଙ୍କର ଆର୍ଥିକ ବିକାଶ ପାଇଁ ସହାୟତା ପାଇଁ ଦେଉଥିବା ବେଳେ ରାଜ୍ୟ ସରକାର କେବଳ ଭୋଟ ବ୍ୟାଙ୍କ ମାନସିକତାରେ ସୀମିତ ରହିବା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ଓ ପାନୀୟ ଜଳ ବ୍ୟବସ୍ଥା ଆଦି ପ୍ରସଙ୍ଗକୁ ନେଇ ବିଜେପି ରାଜ୍ୟ କାର୍ଯ୍ୟକାରିଣୀରେ ରାଜନୈତିକ ପ୍ରସ୍ତାବ ପାରିତ କରାଯାଇଛି । ଏ ସମ୍ପର୍କର୍ ସୂଚନା ଦେଇ ବିଜେପି ବିଧାୟକ ମୋହନ ମାଝୀ ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି କାରଣରୁ ରାଜ୍ୟବାସୀ ଅସୁରକ୍ଷିତ । ଲୋକଙ୍କ ଶାନ୍ତି ସୁରକ୍ଷା ଓ ଧନ ଜୀବନକୁ ସୁରକ୍ଷା ଦେବାରେ ଏ ସରକାର ବିଫଳ ହୋଇଛନ୍ତି । ଦିନକୁ ୯ଟି ଦୁଷ୍କର୍ମ ଓ ୮ଟି ହତ୍ୟାକାଣ୍ଡ ହେଉଛି । ମନ୍ତ୍ରୀ ବିଧାୟକ ମାନେ ମଧ୍ୟ ହତ୍ୟାକାଣ୍ଡରେ ସାମିଲ ରହୁଛନ୍ତି । ଏଠାରେ ରକ୍ଷକ ଭକ୍ଷକ ସାଜିଛି ଏଠି । ଏ ପ୍ରସଙ୍ଗକୁ ବିଜେପି ଆଜି ରାଜନୈତିକ ପ୍ରସ୍ତାବରେ ନିନ୍ଦା କରାଯାଇଛି । ସେ କହିଛନ୍ତି ଯେ , ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ପ୍ରାୟ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଘର କେନ୍ଦ୍ର ସରକାର ଓଡ଼ିଶାକୁ ଯୋଗାଇ ଦେଲେଣି । କିଛିଦିନ ତଳେ ସାଢ଼େ ୯ ଲକ୍ଷ ଘର ଦେଇଛନ୍ତି । କିନ୍ତୁ ହିତାଧିକାରୀ ଚୟନକୁ ଦଳୀୟ ଆଧାରରେ କରାଯାଇଛି । ୧୬ ତାରିଖରେ ହିତାଧିକାରୀଙ୍କ ତାଲିକା ଲାଗିବାରେ ଗାଁଗାଁରେ ଅସନ୍ତୋଷ ଦେଖାଦେଇଛି । ୨୦୧୮-୧୯ରେ ପରମାନେଟ ଓଏଟିଙ୍ଗ ଲିଷ୍ଟକୁ ଆଧାର କରି ▶▶ପୃଷ୍ଠା ୭

ଆମେରିକାର କାଲିଫର୍ଣ୍ଣିଆରେ ଆଖିବୁଜା ଗୁଳିମାଡ : ୧୬ ଜଣ ଲୋକ ଗୁଳିମାଡର ଶିକାର

ନୂଆଦିଲ୍ଲୀ, ୨୨/୦୧ : ଆମେରିକାର କାଲିଫର୍ଣ୍ଣିଆ ସହରରେ ଆଖିବୁଜା ଗୁଳିମାଡ । ଯେଉଁ ଘଟଣାରେ ୧୬ରୁ ଅଧିକ ଲୋକ ଗୁଳିମାଡର ଶିକାର ହୋଇଛନ୍ତି । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ଘେରାବନ୍ଦୀ କରିଥିବା ବେଳେ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଛି । ଆମେରିକାର ଗଣମାଧ୍ୟମ ସୂତ୍ର ଅନୁଯାୟୀ, କାଲିଫର୍ଣ୍ଣିଆ ସହରର ମଣ୍ଟେରି ପାର୍କରେ ଚୀନ ନବ ବର୍ଷ ସମାରୋହ ଆୟୋଜିତ ହେଉଥିଲା । କିନ୍ତୁ ରାତି ପ୍ରାୟ ୧୦ଟା ସମୟରେ ଏହି ଅଞ୍ଚଳରେ ଆଖିବୁଜା ଗୁଳିମାଡ କରିଥିଲେ କିଛି ଦୁର୍ବୃତ୍ତ । ଯେହେତୁ ଏହି ସମାରୋହରେ ଅନେକ ଲୋକ ଉପସ୍ଥିତ ଥିଲେ ତେଣୁ ପ୍ରାୟ ୧୬ରୁ ଅଧିକ ଲୋକ ଗୁଳିମାଡର ଶିକାର ହୋଇଛନ୍ତି । ତେବେ ଦୁର୍ବୃତ୍ତ କୌଶଳ କ୍ରମେ ଘଟଣାସ୍ଥଳରୁ ଖସି ଯାଇଥିବା ବେଳେ ପୂରା ଅଞ୍ଚଳକୁ ଘେରାବନ୍ଦୀ କରାଯାଇ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଛି । ଏହାପୂର୍ବରୁ ସୋମବାର କାଲିଫର୍ଣ୍ଣିଆର ଏକ ଘରେ ଗୁଳିମାଡ ହୋଇଥିଲା । ଯେଉଁଥିରେ ୧୭ ବର୍ଷୀୟ ମା' ଓ ୬ ମାସର କୁନି ଶିଶୁ ସହିତ ୬ ଲୋକଙ୍କର ମୃତ୍ୟୁ ହୋଇଥିଲା । ପୋଲିସ ଏହାକୁ ଟାର୍ଗେଟ କିଲିଙ୍ଗ ବୋଲି ଦର୍ଶାଇଥିଲା । କିନ୍ତୁ ଉକ୍ତ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ଏଯାବତ ପୋଲିସ ବିଫଳ ରହିଛି ।

ନୂଆ ମୋଡରେ ପହଞ୍ଚିଲା ରୁଷ-ୟୁକ୍ରେନ ଯୁଦ୍ଧ

ନୂଆଦିଲ୍ଲୀ,୨୨/୦୧ : ଅସ୍ତ୍ରଶସ୍ତ୍ରର ପ୍ରୟୋଗଶାଳା ପାଲଟିଛି ୟୁକ୍ରେନ । ୟୁକ୍ରେନକୁ ରଷ ସହ ଯୁଦ୍ଧ ଲଢାଇ ନିଜ ଯୁଦ୍ଧାସ୍ତ୍ରର ପରୀକ୍ଷା ନିରୀକ୍ଷା କରୁଛନ୍ତି ପାଶ୍ଚାତ୍ୟ ଦେଶ । ୟୁକ୍ରେନକୁ ନିଜ ସୁବିଧା ଓ ଫାଇଦା ଅନୁସାରେ ବ୍ୟବହାର କରୁଛନ୍ତି କିଛି ଦେଶ । ଆମେରିକା ବ୍ରିଟେନ୍ ଦେଶ ଏମିତି ଏକ ଚିନ୍ତାଧାରାରେ ଆଗୁଆ ଅଛନ୍ତି । ରୁଷ ସହ ଯୁଦ୍ଧ ଭୁମିରେ ଲହୁଲୁହାଣ ହେଉଛି ୟୁକ୍ରେନ । ୟୁକ୍ରେନକୁ ସାମରିକ ସହାୟତା ଆଳରେ, ନିଜ ଦେଶ ନିର୍ମିତ ଯୁଦ୍ଧାସ୍ତ୍ର ଗୁଡିକର ଟେଷ୍ଟିଂ ଲାବରୋଟୋରୀ କରି ଦେଇଛନ୍ତି ଅନେକ ଦେଶ । ୟୁକ୍ରେନ ଯୁଦ୍ଧରେ ଆମେରିକା, ସମେତ ୟୁରୋପ ଓ ଅନ୍ୟ ସହଯୋଗୀ ଦେଶ ଗୁଡିକ ନିଜ ଯୁଦ୍ଧାସ୍ତ୍ରକୁ ପରୀକ୍ଷା କରିବାକୁ ୟୁକ୍ରେନ ମାଟିକୁ ବ୍ୟବହାର କରିବାରେ ଲାଗିଛନ୍ତି । ସେହି ସବୁ ମାରଣାସ୍ତ୍ର ଗୁଡିକର ଯୁଦ୍ଧ କରିବାର କ୍ଷମତା ତଥା ଯୁଦ୍ଧକୁ ନିଜ ସପକ୍ଷରେ ନେବାର ଶକ୍ତି ସାମର୍ଥ୍ୟକୁ ପରୀକ୍ଷା କରିବାରେ ଲାଗିଛନ୍ତି । ସେଥିପାଇଁ ୟୁକ୍ରେନକୁ ସାମରିକ ମାରଣାସ୍ତ୍ରର ଲାବରୋଟୋରୀ କରିସାରିଛନ୍ତି ।

ପୂର୍ବତନ ହକି ଖେଳାଳୀ ପ୍ରବୋଧ ତିର୍କୀଙ୍କ ସରକାରୀ ବାସଭବନରୁ ଚୋରି

ଭୁବନେଶ୍ୱର,୨୨/୦୧ (ନି.ପ୍ର): ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀଙ୍କ ରାଜଧାନୀରେ ଥିବା ସରକାରୀ କ୍ୱାର୍ଟରରେ ଚୋରମାନେ କଳାକନା ବୁଲାଇ ଦେଇଛନ୍ତି । ଭୁବନେଶ୍ୱରର ୟୁନିଟ-୬ ଅଂଚଳରେ ଥିବା ସରକାରୀ କ୍ୱାର୍ଟରରେ ଏପରି ଘଟଣା ଘଟିଛି । ପ୍ରବୋଧ ତିର୍କୀ ଓ ତାଙ୍କ ପରିବାର ଲୋକ ଘରେ ନଥିବା ବେଳେ ଚୋର ମାନେ ଏହି କାଣ୍ଡ ଘଟାଇଛନ୍ତି । ଏବେ ବିଶ୍ୱ କପ୍ ହକି ଚାଲିଥିବାରୁ ପ୍ରବୋଧ ରାଉରକେଲାରେ ଅଛନ୍ତି । ତାଙ୍କ ପରିବାର ଲୋକେ ଗାଁକୁ ଯାଇଥିବାର ସୁଯୋଗ ନେଇ ଯାଇଛନ୍ତି । କ୍ୱାର୍ଟରରେ କେହି ରହୁନଥିଲେ । ଏହାର ସୁଯୋଗ ନେଇ ଲୁଟେରା ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି । ପୋଲିସ ଏହି ମାମଲାରେ ଛାନଭିନ ଜାରୀ ରଖିଛି ।

ଉତ୍ତରାଖଣ୍ଡରେ ଭୂକମ୍ପ ଝଟକା

ନୂଆଦିଲ୍ଲୀ,୨୨/୦୧ : ପ୍ରକୃତିର କୋପ ସତେ ଯେମିତି ଦେବଭୂମି ଉତ୍ତରାଖଣ୍ଡ ଉପରେ ପଡ଼ିଛି । ପ୍ରଥମେ ଉତ୍ତରାଖଣ୍ଡର ଯୋଶୀମଠ ଓ ଏହାର ଆଖ ପାଖ ଅଞ୍ଚଳ ଦବିବା ଆରମ୍ଭ କରିଥିଲା । ଏହାପରେ ବାଦଳ ଫଟା ବର୍ଷା ଓ ତୁଷାରପାତ ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରିଥିଲା । ଲୋକମାନେ ପ୍ରକୃତିର କରାଳରୂପ ସହ ଲଢ଼େଇ କରୁଥିବା ବେଳେ ଭୂକମ୍ପ ଝଟକା ରାଜ୍ୟବାସୀଙ୍କୁ ଲାଗିଛି । ଆଜି ଉତ୍ତରାଖଣ୍ଡର ପିଥୋରଗଡ଼ରେ ଲୋକମାନେ ଭୂକମ୍ପର ଝଟକା ଅନୁଭବ କରିଛନ୍ତି । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୮ ରେକର୍ଡ କରାଯାଇଛି । ନ୍ୟାଶନାଲ ସେଣ୍ଟର ଫର ସେସିମୋଲୋଜି (ଏନଏସସି) କହିଛି ଯେ ସକାଳ ୮.୫୮ରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଏହାର କେନ୍ଦ୍ରସ୍ଥଳର ପିଥୋରଗଡ଼ ଠାରୁ ଉତ୍ତର-ଉତ୍ତରପଶ୍ଚିମ ଦିଗ ଠାରୁ ୨୩ କିମି ଦୂର । ଏହା ଭୂପୃଷ୍ଠରୁ ୧୦ କିମି ଗଭୀରରେ ସୃଷ୍ଟି ହୋଇଥିଲା । ଭୂକମ୍ପର ତୀବ୍ରତା ୩.୮ ଥିଲେ ହେଁ ଏହା ଦ୍ୱାରା କୌଣସି କ୍ଷୟକ୍ଷତି ହୋଇନାହିଁ । ତେବେ ଲୋକମାନେ ଝଟକା ପରେ ବେଶ କିଛି ସମୟ ଖୋଲା ସ୍ଥାନରେ ଆଶ୍ରୟ ନେଇଥିଲେ । ଏବେ ବି ଉତ୍ତରାଖଣ୍ଡ ତୁଷାରପାତ ଜାରି ରହିଛି । ସେହିପରି ଯୋଶୀମଠ ଦବୁ ଥିବାରୁ ଉଦ୍ଧାର କାର୍ଯ୍ୟ ଅବ୍ୟାହତି ରହିଛି । ଏସବୁ ଭିତରେ ହିଁ ଭୂକମ୍ପ ଝଟକା ଅନୁଭୂତ ହୋଇଛି ।

ଅନ୍ୟର ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଅର୍ଥ ଉଠାଣ ଅଭିଯୋଗ : ୩ ବଙ୍ଗୀୟ ଯୁବକଙ୍କୁ ଗିରଫ କଲା ସାଇବର ଥାନା ପୁଲିସ

ବାଲେଶ୍ୱର,୨୨/୦୧ (ନି.ପ୍ର): ମୋବାଇଲ କିଣିବା ବାହାନାରେ ଦୋକାନୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବ୍ୟବହାର କରି ଅର୍ଥ ଉଠାଉଥିବା ୩ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି ବାଲେଶ୍ୱର ସାଇବର ଥାନା ପୁଲିସ । ପୁଲିସର ସୂଚନା ଅନୁସାରେ ରେମୁଣା ଥାନା ଅନ୍ତର୍ଗତ ହରିପୁର ଅଞ୍ଚଳର ମୁକ୍ତାର ଖାନଙ୍କ ପୁତ୍ର ମଓ୍ୱାର ଖାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅଭିଯୁକ୍ତମାନେ ଅର୍ଥ ଉଠାଇଥିବା ସେ ସାଇବର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ସାଇବର ଥାନା ପୁଲିସ ୨/୨୦୨୩ ନଂର ମାମଲା ରୁଜୁ ସହ ତଦନ୍ତ ଜାରି ରଖିଥିଲା । ଅନୁସନ୍ଧାନରୁ ପୁଲିସ ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ପଷ୍ଟ ହେବା ସହ ସମ୍ପୃକ୍ତ ୩ ବଙ୍ଗୀୟ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ପଶ୍ଚିମବଙ୍ଗ ମୋହନପୁର ଅଞ୍ଚଳର ବିଜୟ ସେନ, ତାପସ ଦାସ ଓ ଅରୁଣ ଦାସ । ସେମାନଙ୍କଠାରୁ ଡବ୍ଲ୍ୟୁବି-୩୪ବିଏଚ/୫୨୬୩ ନଂର ୟମା-ଏଫଜେଡଏମ ମଡେଲର ଏକ ବାଇକ, ଗୋଟିଏ ଲାପଟପ, ୫ଟି ମୋବାଇଲ ଫୋନ, ୫୭ଟି ଏୟାରଟେଲ ୫-ଜି ସିମକାର୍ଡ଼, ବିଭିନ୍ନ ବ୍ୟାଙ୍କର ୬ ଗୋଟି ଏଟିଏମ କାର୍ଡ଼ ଓ ୨୦ ହଜାର ଟଙ୍କା ପୁଲିସ ଜବତ କରିଛି । ସେମାନଙ୍କୁ ଏବେ ପଚରାଉଚୁରା କରାଯାଉଥିବା ପୁଲିସ ସୂଚନା ଦେଇଛି ।

କବାଡି ବ୍ୟବସାୟୀଙ୍କୁ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟିନେଲେ

ନେତାଜୀ ସୁଭାଷ ବୋଷ ରଥକୁ ସ୍ୱାଗତ

ବଲାଙ୍ଗୀର, ୨୨/୦୧ (ନି.ପ୍ର): ସଇଁନ୍ତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାଧିନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ରଥକୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସମେତ ଛାତ୍ର ଛାତ୍ରୀ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି । ନେତାଜୀଙ୍କ ୧୨୫ ତମ ଜନ୍ମ ବାର୍ଷିକି ପାଇଁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ରଥ ବିଭିନ୍ନ କଲେଜ ଏବଂ ବିଦ୍ୟାଳୟମାନଙ୍କୁ ପରିକ୍ରମ କରି ମହାନ ବାର୍ତା ପ୍ରଦାନ କରିବ । ପରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର ତଥା ନେତାଜୀ ସୁବାଷ ଚନ୍ଦ୍ର ରଥକୁ ନେଇ ଆସିଥିବା କର୍ମକର୍ତା ମଧୁସୁଦନ ବାଗ, ଗୌରୀ ରାଉତ, ଅହଲ୍ୟା ସାହୁ, ସାଗର ନନ୍ଦ ପ୍ରମୁଖ ନେତାଜିଙ୍କର ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ମତେ ରକ୍ତ ଦିଅ ମୁ ତୁମକୁ ସ୍ୱାଧିନ ଦେବି ନାରାରେ ମାର୍ମିକତା ବିଷୟରେ ଅତିଥି ଗଣ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ରେଣୁକା ସାହୁ, ଗାୟତ୍ରୀ ବାରିକ, ଦ୍ରୋପଦୀ ଭୋଇ, କାନ୍ତୀ ଭୋଇ, ଯଶୋବନ୍ତୀ ସୁନା, ଶିକ୍ଷକ ହିମାଂଶୁ ଶେଖର ବିଶ୍ୱାଲ, ସମିର ସେଠି, ଦିପକସେନ ଧରୁଆ, ସୁଦର୍ଶନ ଦାଶ, କୃପାସିନ୍ଧୁ ମିଶ୍ର, ଜୁନିୟର ରେଡକ୍ରସ କାଉନସିଲର ରାମନାରାୟଣ ଦାଶ, ଛାତ୍ର ଛାତ୍ରୀ ତଥା ଗ୍ରାମବାସୀ ଉପସ୍ଥିତ ରହି ମହାନ ବ୍ୟକ୍ତିଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ।

ତିନିମୁହାଣୀରେ ଖୋଲା ହେଲା ସହରାଂଚଳ ସ୍ୱାସ୍ଥ୍ୟକେନ୍ଦ୍ର

କେନ୍ଦ୍ରାପଡ଼ା, ୨୨/୦୧ (ନି.ପ୍ର): କେନ୍ଦ୍ରାପଡ଼ା ଟାଉନ ତିନିମୁହାଣୀ ନିକଟରେ ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବିଧାୟକ ଶଶିଭୂଷଣ ବେହେରା ଉଦ୍‌ଘାଟନ କରିଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ସକାଳ ୮ଟାରୁ ୧୨ଟା ଏବଂ ସଂନ୍ଧ୍ୟା ୫ଟାରୁ ୮ଟା ଯାଏ ଖୋଲାରହିବ । ଦୂର ଦୂରାନ୍ତରୁ ଆସୁଥିବା ରୋଗୀମାନେ ଏଠାରେ ସ୍ୱାସ୍ଥ୍ୟସେବା ପାଇ ଉପକୃତ ହେବେ । ଏହାକୁ ଲକ୍ଷ୍ୟରଖି ଏହି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଟି ଖୋଲା ଯାଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ ପ୍ରକାଶ କରିଛନ୍ତି । ରୋଗୀକୁ ଦେଖିବା ସହ ସମସ୍ତ ଔଷଧ ମଧ୍ୟ ପ୍ରଦାନ କରାଯିବା ସହ ପ୍ରାଥମିକ ଚିକିତ୍ସା ପାଇପାରିବେ । ଆୟୋଜିତ ଏହି ଉଦ୍‌ଘାଟନ ଉତ୍ସବରେ ଡାକ୍ତର ମିର୍ଜା ବାବର ବେଗ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିପିଏମ୍ ଗୀତାଞ୍ଜଳୀ ଦାସ, ବିଜେଡି ଜିଲ୍ଲା ଉପ ସଭାପତି ଦେବଦାସ ମହାନ୍ତି, ଜିଲ୍ଲା ସଂପାଦକ ରାଜୁ କୁବେର, ବ୍ଲକ ସଭାପତି ଆଲୋକ ସାହୁ, ସେକ ଚନ୍ଦନ, ନଗର ମହିଳା ସଭାପତି ସ୍ୱୟଂପ୍ରଭା କର, ସୁମିତ୍ରା ପାଢ଼ୀ, କାଉନସିଲର ପ୍ରଭାଶିଷ ପଣ୍ଡା, ନିରାକର ସ୍ୱାଇଁ, ନାରାୟଣ ସାହୁ, ପୂର୍ବତନ କାଉନସିଲର ଶରତ ଚନ୍ଦ୍ର ବେହୁରାଙ୍କ ସହ ଦୁର୍ଗାଚରଣ ପତି ଓ ଆଶାକର୍ମୀମାନେ ଉପସ୍ଥିତ ଥିଲେ ।

ନିର୍ମାଣ ଶ୍ରମିକ ଜିଲ୍ଲା ତଥା ରାଜ୍ୟ ନିର୍ମାଣର ପ୍ରମୁଖ ବିନ୍ଧାଣୀ: ମୁଖ୍ୟ ଅତିଥି

ସୁବର୍ଣ୍ଣପୁର, ୨୨/୦୧ (ନି.ପ୍ର): ସୋନପୁର ସ୍ଥିତ ନୂଆ ଟାଉନ ହଲ ଠାରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼, ଭୁବନେଶ୍ୱର ତରଫରୁ ନିର୍ମାଣ ଶ୍ରମିକ ମାନଙ୍କୁ ଦିଆଯାଉଥିବା ବିଭିନ୍ନ ସହାୟତା ବଂଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଡିଶା କୋଠାବାଡ଼ି ଓ ଅଣ ସଂଗଠିତ ଶ୍ରମିକ କଲ୍ୟାଣ ବୋର୍ଡ଼ ଭୁବନେଶ୍ୱରର ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ସ୍ୱେତା ସ୍ମିଧା ମିଶ୍ର ଯୋଗଦାନ କରି ନିର୍ମାଣ ଶ୍ରମିକ ହେଉଛନ୍ତି ଆମ ଜିଲ୍ଲା ତଥା ରାଜ୍ୟର ପ୍ରମୁଖ ବିନ୍ଧାଣୀ ବୋଲି କହିବା ସହ ଯେପରି କୌଣସି ଜଣେ ବି ଯୋଗ୍ୟ ହିତାଧିକାରୀ ଯୋଜନାରୁ ବାଦ ନ ପଡିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତିକ୍ଷ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ସହଯୋଗ ନିମନ୍ତେ ଦୃଢ଼ ପ୍ରତିଶ୍ରୁତି ବଦ୍ଧ, ସମସ୍ତ ନିର୍ମାଣ ଶ୍ରମିକ ହିତାଧିକାରୀ ଏହାର ଲାଭ ନେବାକୁ ଅନୁରୋଧ କରିଛନ୍ତି ଶ୍ରୀମତୀ ମିଶ୍ର । ଅନ୍ୟାନ୍ୟ ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ନିଶି ପୁନମ ମିଞ୍ଜ, ସୋନପୁର ପୌରପରିଷଦ ପୌରାଧକ୍ଷା ଶ୍ରୀମତୀ ତାମସୀ ତାମସ୍ମିତା ନାଏକ, ଜିଲ୍ଲା ପରିଷଦ ସଭ୍ୟ ଶ୍ରୀ ମଧୁସୂଦନ ଓତା, କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ ସୋନପୁର ଶ୍ରୀ ସୂର୍ଯ୍ୟଂଶୁ ରୁଟ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଶ୍ରୀ ଗୋବିନ୍ଦ ମହାରଣା, ସଭାପତି ଟ୍ରେଡ଼ ୟୁନିୟନ ସମନ୍ୱୟ ସମିତି, ସୁବର୍ଣ୍ଣପୁର ଯୋଗଦେଇ ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମିକ କଲ୍ୟାଣ ବୋର୍ଡ ତଥା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟ କାରି ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରି ନିର୍ମାଣ ଶ୍ରମିକଙ୍କ ସହଯୋଗ ଓ ସହାଭାଗିତା ରାଜ୍ୟ ଗଠନରେ ବିଶେଷ ଗୁରୁତ୍ୱ ବହନ କରୁଥିବା ପ୍ରକାଶ କରିଥିଲେ । ଏହି ସହାୟତା ବଂଟନ ଶିବିରରେ ଜିଲ୍ଲାର ହାରାହାରି ୩୦୦ ଜଣ ନିର୍ମାଣ ଶ୍ରମିକ ଓ ଜିଲ୍ଲାର ସମସ୍ତ ଟ୍ରେଡ଼ ୟୁନିଅନର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ । ଶିବିର ର ସଭା ସଂଯୋଜନା କରିଥିଲେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସୁଚିଶ୍ମିତା ପାତ୍ର । ସୁବର୍ଣ୍ଣପୁର ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ଡିଲେଶ୍ୱର ଖାକା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିବା ସହିତ ଜିଲ୍ଲାର ନିର୍ମାଣ ଶ୍ରମିକ ମାନଙ୍କ ପାଇଁ ରହିଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାର ଉପଯୋଗୀତା, କାର୍ଯ୍ୟକାରିତା ତଥା ଯୋଜନା ସମ୍ବନ୍ଧରେ ବିଷଦ ସୂଚନା ପ୍ରଦାନ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲି ସୁନୀଲ ନରଓ୍ୱେ, ରାଜ୍ୟ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ତଥା ସୋନପୁର ବିଧାୟକ ଶ୍ରୀ ନିରଞ୍ଜନ ପୂଜାରୀ ସଦା ସର୍ବଦା ନିର୍ମାଣ ଶ୍ରମିକଙ୍କ ବିକାଶ ନିମନ୍ତେ ସହଯୋଗ କରୁଥିବାରୁ ଶିବିରରେ ଶ୍ରମ ଅଧିକାରୀ ଖାକା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଶିବିର ଅତିଥିବୃନ୍ଦ ଡେମୋ ପ୍ରଦର୍ଶନ ପୂର୍ବକ ୭ ଜଣ ନିର୍ମାଣ ଶ୍ରମିକଙ୍କୁ ଯଥା ଲିଲି ଖେତୀ ଓ ଦୀପାଞ୍ଜଳି ପଧାନ ଙ୍କୁ ପ୍ରସୂତୀ କାଳୀନ ସହାୟତା ରେ ପ୍ରତ୍ୟେକଙ୍କୁ ୧୦,୦୦୦ ଟଙ୍କା , ମୃତ୍ୟୁ ସହାୟତା ରେ ଚକା ସୁନା ଓ ବାସନ୍ତୀ ପୋଡ଼ ପ୍ରତ୍ୟେକଙ୍କୁ ୨ଲକ୍ଷ ଲେଖାଏଁ, ବିବାହ ସହାୟତା ରେ ସୂର୍ଯ୍ୟକାନ୍ତି ସା ଓ କୁଶଳେଶ୍ୱର ରଣା ପ୍ରତ୍ୟେକ ଙ୍କୁ ୫୦,୦୦୦ ଲେଖାଏଁ ଓ ଶିକ୍ଷା ସହାୟତାରେ ତ୍ରିନାଥ ମହାନନ୍ଦଙ୍କୁ ୪୦,୦୦୦ ର ଡେମୋ ସହାୟତା ପ୍ରଦର୍ଶନ କରିଥିଲେ କ୍ଷ ଆଜି ଶିବିର ଅବସରରେ ନିର୍ମାଣ ଶ୍ରମିକ ଅନ୍ତର୍ଗତ ବିଭିନ୍ନ ଯୋଜନାରେ ଜିଲ୍ଲାର ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ଓ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଅନୁମୋଦନ ହୋଇଥିବା ୨୧୧ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ୧ କୋଟି ୭୯ ଲକ୍ଷ ୩୫ ହଜାର ନିର୍ମାଣ ଶ୍ରମିକ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ସହାୟତା ରାଶି ସେମାନଙ୍କୁ ଅନଲାଇନ ମାଧ୍ୟମରେ ତାଙ୍କ ବ୍ୟାଙ୍କ ପାସ ବହି ଜରିଆରେ ପ୍ରଦାନ ବ୍ୟବସ୍ଥା କରାଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ସମସ୍ତ ଅତିଥି ତଥା ଏହି ଶିବିର ରେ ଯୋଗ ଦେଇଥିବା ବିଭିନ୍ନ ଟ୍ରେଡ଼ ୟୁନିଅନର ସଭାପତି କାର୍ଯ୍ୟକର୍ତା ଯୋଗଦାନ କରିଥିବାରୁ ଜିଲ୍ଲା ଶ୍ରମ ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ନୂତନ ବର୍ଷ ଉପଲକ୍ଷେ ଲିଙ୍ଗେଶ୍ୱର ସ୍ୱେଚ୍ଛାସେବୀ ସଂଗଠନର ବନ୍ଧୁମିଳନ

କୋରାଇ, ୨୨/୦୧ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଫଂଚାୟତର ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ସେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ଣ୍ଣତୋୟା ବୈତରଣୀ ନଦୀ ପଠାରେ ଥିବା ଯଜ୍ଞ ମଣ୍ଡପ ଠାରେ ଶୁକ୍ରବାର ରାତ୍ରୀରେ ଏହି ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ମୂଳାପାଳ, ବରପଦା, ବ୍ରଜନଗର ଗ୍ରାମର ସ୍ୱେଚ୍ଛାସେବୀ ମାନେ ଏଥିରେ ଯୋଗଦେଇ ପରିବେଶର ସୁରକ୍ଷା, ସ୍ୱଚ୍ଛାତା କାର୍ଯ୍ୟକ୍ରମ ଓ ରକ୍ତଦାନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ପରସ୍ପର ମଧ୍ୟରେ ବନ୍ଧୁତା ଅତୁଟ ରଖି ସ୍ଥାନୀୟ ଅଂଚଳରେ ଭାଇଚାରା ସୃଷ୍ଟି ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ଦୈତାରୀଧଳ, ସମ୍ପାଦକ ପ୍ରଦୀପ ଧଳ, ଉପସଭାପତି ସଦାନନ୍ଦ ସାମଲ, କୋଷାଧକ୍ଷ ପ୍ରମୋଦ ସାହୁ, ସହ ସମ୍ପାଦକ ନିତ୍ୟାନନ୍ଦ ପରିଡା, ଦାମୋଦର ଧଳ, ଦିଲ୍ଲିପ ଧଳ, ଶରତ ଧଳ, ଗୋଲକ ମାଝୀ, ବାସୁଦେବ ପରିଡା, ମାନସ ଧଳ. ରାଜ କିଶୋର ମଲ୍ଲିକଙ୍କ ସମତେ ସମସ୍ତ କର୍ମକତା ଓ ଶତାଧିକ ଯୁବ ବନ୍ଧୁ ମାନେ ସାମିଲ ହୋଇଥିଲେ । ଆଗାମୀ ଦିନ ଅଂଚଳର ବିକାଶ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସର୍ବସମ୍ମତ ନିଷ୍ପତି ଗ୍ରହଣ କରାଯାଇଥିଲା ।

କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

କନ୍ଧମାଳ , ୨୨/୦୧ (ନି.ପ୍ର): ଖଜୁରୀପଡା ବ୍ଲକ ଆର୍ ନୂଆଁଗା ନିକଟସ୍ଥ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହାକୁ ମୁଖ୍ଯ ଅତିଥି ଂଚାୟତ ସମିତି ଅଧକ୍ଷା ସୁଶ୍ରୀ ଅନିମା କହଁର ଉଦଘାଟନ କରିଥିଲେ । ଉଦଘାଟନ ପର୍ବପରେ ଅଧକ୍ଷ ସରୋଜ କୁମାର ସାହୁ ବିଦ୍ୟାଳୟର ପ୍ରତିଷ୍ଠା ୨୦୧୮ ରାଜ୍ୟ ସରକାର କରିଥିବାବେଳେ ଜିଲ୍ଲା ପ୍ରସାଶନ ଏହାର ପରିଚାଳନା ଦାଇତ୍ୱ ଗ୍ରହଣ କରିଛନ୍ତି ବୋଲି କହିଥିଲେ । ବିଦ୍ୟାଳୟର ପ୍ରାରମ୍ଭିକ ସମୟରେ ରାସ୍ତାଘାଟ ଠାରୁ ଆରମ୍ଭ କରି ଶିକ୍ଷା ଏବଂ ପରିବେଶ ବହୁତ କଷ୍ଟକର ପରିସ୍ଥିତିରେ ଚାଲିଥିବାବେଳେ ବର୍ତମାନ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ବହୁତ ସୁନ୍ଦର ପରିବେଶରେ ଅଗ୍ରଗତି କରିଚାଲିଛି ବୋଲି ସୁଚନା ଦେଇଥିଲେ । ଆବଶ୍ୟକ ଶିକ୍ଷକ ଏବଂ କର୍ମଚାରୀମାନଙ୍କୁ ନିଯୁକ୍ତି ମିଳିଥିବାବେଳେ ଆଉକିଛି ମଧ୍ୟ ଆବଶ୍ୟକ ରହିଛି ବୋଲି କହିବା ସହ ଆମେ ଗ୍ରାମାଂଚଳର ଛାତ୍ରଛାତ୍ରୀମାନେ କିଭଳି ଉଚିତ୍ ଏବଂ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବେ ସେଥିପ୍ରତି ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରୁଛୁ ବୋଲି ଶ୍ରୀ ସାହୁ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ପିଏ ଆଟିଡିଏ ଶ୍ରୀ ନରେଶ ଚନ୍ଦ୍ର ଶବର ଯୋଗଦାନ କରି ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ପିଲାମାନଙ୍କ ଭବିଷ୍ୟତ ପାଇଁ ବହୁମୂଲ୍ୟ ପରାମର୍ଶ ପ୍ରଦାନ କରିଥିଲେ । ସେହିଭଳି ଜିଲ୍ଲା ମଙ୍ଗଳ ବିଭାଗ ଅଧିକାରୀ ସୀମାଚଂଳ ବେହେରା,ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ଜିଲ୍ଲା ଏଷ୍ଟାବ୍ଲିସମେଂଟ ଅଧିକାରୀରବିନ ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ପ୍ରଦ୍ୟୁଷ କୁମାର ରଥ, ସରପଂଚ ଶ୍ରୀମତୀ ସ୍ୱର୍ଣଲତା କହଁର, ନାଏବ ସରପଂଚ ସଂଗ୍ରାମ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଂଜନ ପ୍ରଧାନ ଆର ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁର ପ୍ରସାଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତର ବିକାଶ ପାଇଁ ପରାମର୍ଶ ଦେଇଥିଲେ । ଶେଷରେ ରଣପାଟୁଳି ଆବାସିକ ବିଦ୍ୟାଳୟ ଏବଂ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ ଏବଂ ପାରମ୍ପାରିକ ଗୀତ ନାଚ ଆଦି କରିଥିବାବେଳେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡାରେ ସଫଳତା ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ କରକମଳରେ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ଶିକ୍ଷକ ଆଶିଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନା ଦାଇତ୍ୱ ସୁଶ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶିନି ରାଉଳ ଏବଂ ଅଳଙ୍କୃତା ଚୌଧୁରୀ ସମ୍ପାଦନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଅଜିତ୍ କୁମାର ଦେହୁରୀ, ଅମୁଲ୍ୟ କୁମାର ସାହୁ, ସୁମନ୍ତ ଦଳେଇ, ସୋନାଲି ଜେନା, ସୁଚିତ୍ରା ପ୍ରଧାନ ଏବଂ ସିସିଏ ବୈଜୟନ୍ତି ପ୍ରଧାନ, ଆଶିଷ ପ୍ରଧାନ, ସବିତା କହଁର, ଦିପ୍ତିମୟୀ ପ୍ରଧାନ, ଅନିତା ଝାଙ୍କର, ଶ୍ରୀକୃଷ୍ଣ କହଁର, ଶରତ ଚନ୍ଦ୍ର କହଁର ପ୍ରମୁଖ ସହଯୋଗ କରିଥିଲେ ।

ବ୍ରହ୍ମବରଦା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଧର୍ମଶାଳା, ୨୨/୦୧ (ନି.ପ୍ର): ଅଧିକାର ସାବ୍ୟସ୍ତ କରିବା ଶିକ୍ଷା ହିଁ ମାଧ୍ୟମ । ଶିକ୍ଷାନୁଷ୍ଠାନ ଅନେକଙ୍କୁ ଉଚିତ ମାର୍ଗରେ ଯିବା ସହ ଜୀବନର ସଫଳତା ମାର୍ଗରେ ପରିଚାଳିତ ହେବା ପାଇଁ ପାଇଁ ପ୍ରେରଣା ଯୋଗାଇଛି । ଗୁଣାତ୍ମକ ଶିକ୍ଷାଦାନ ଓ ପରୀକ୍ଷା ଫଳ ଦୃଷ୍ଟିରୁ ବିବେଚନା କଲେ ଛାତ୍ରଛାତ୍ରୀ ଜିଲା ଓ ରାଜ୍ୟ ପାର୍ଇ ଗୁରୁତ୍ୱ ପୁର୍ଣ୍ଣ ସ୍ଥାନ ଅଧିକାର କରି ପାରିଛଇ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଓ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଯୋଗ ଦେଇ ମତବ୍ୟକ୍ତ କରିଛନ୍ତି । ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ ,ମୁଖ୍ୟବକ୍ତାଭାବେ ବରୀ ବିଧାୟିକା ସୁନନ୍ଦା ଦାସ , ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ରିନା ରାଉତରାୟ , ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢୀ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ଜେନା, ବିରଞ୍ଚି ନାରାୟଣ ଦାଶ, ନୃସିଂହ ଚରଣ ନାୟକ, ଅବଦୁଲ ରଉଫ ଖାଁ , ଶଶୀଭୂଷଣ ମହାନ୍ତି ଓ ବରିଷ୍ଠ ମୁରବୀ ବିପିନ ବିହାରୀ ଦେଓ ପ୍ରମୁଖ ଯୋଗ ଦେଇଥିଲେ । ଅର୍ଥନୀତି ବିଭାଗର ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂସ୍କୃତ ବିଭାଗର ଅଧ୍ୟାପକ ରଶ୍ମିକାନ୍ତ ଦାଶ ଅଷ୍ଟକ ପାଠ ସହ ସ୍ୱାଗତ ସଂଗୀତ ଓ ଦିବାଧ୍ୟାୟ ବିଭାଗର ଅଧ୍ୟକ୍ଷ ଡ. ବିକ୍ରମ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ,ଲିପିକାର ଅଜୟ କୁମାର ଜେନା,ଗ୍ରନ୍ଥାଗାର ସହାୟକ ସେକ୍ ସୋଲେମାନ ଓ ଶିକ୍ଷାକର୍ମୀଚାରୀ ଫେମୁଲ୍ଲା ଖାଁନଙ୍କ ସମେତ ଦୁଇ ମହାବିଦ୍ୟାଳୟରେ କୃତିତ୍ୱ ହାସଲ କରିଥିବା କୃତିଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୟ ଅଂଚଳର ବୁଦ୍ଧିଜୀବି,ସାହିତ୍ୟିକ ଓ ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସୂର୍ଯ୍ୟକାନ୍ତ ରାଉତ,ବାବୁଲା ରଣା,ଅକ୍ଷୟ କୁମାର ସାହୁ,ଦିଲ୍ଲିପ କୁମାର ସାହୁ,ଶ୍ରୀନିବାସ ଜେନା,ମନୋଜ ପୃଷ୍ଟି,ରାଜ କିଶୋର ପଣ୍ଡା, ବିବେକାନନ୍ଦ ଜେନା, ଶ୍ରୀଚରଣ ଓଝା,ସତ୍ୟାନନ୍ଦ ରାଉତ ଓ ଆଲୋକ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘର ଶପଥ ପାଠ ଉତ୍ସବ

ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ତୀବ୍ର ହେବ

ଜୟପୁର, ୨୨/୦୧ (ନି.ପ୍ର): ସାମ୍ବାଦିକଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ତୀବ୍ର ହେବ ବୋଲି

ଗୁପ୍ତ ଫରୁଆରେ ଆବଦ୍ଧ ନେତାଜୀ

ଡକ୍ଟର ଲକ୍ଷ୍ମଣ ସାହୁ

ଚିନ୍ତାଧାରାରେ ସ୍ୱାମୀ ବିବେକାନନ୍ଦଙ୍କ ଶିଷ୍ୟ ଥିଲେ ଭାରତର ବିଶ୍ୱ ରହସ୍ୟମୟ ନେତା ସୁଭାଷ ଚନ୍ଦ୍ର ବୋଷ । ଯାହାଙ୍କ ଉଦାର କଣ୍ଠରୁ ଦିନେ ଝଙ୍କୃତ ହୋଇଥିଲା " ଆମେ ଆମର ଆଦର୍ଶ ଓ ଆବଶ୍ୟକତା ଅନୁଯାୟୀ ସମାଜ ଗଠନ କରିବୁ । ' ଭାରତରେ ଏ କଥା ଅଛି ବୋଲି ଦର୍ଶନଶାସ୍ତର ଛାତ୍ର, ସ୍ୱଚ୍ଛ ବ୍ୟକ୍ତିଗତ ଚିନ୍ତାଧାରା ଥିବା ବ୍ୟକ୍ତି ଗଭୀର ବୁଝାମଣା କରିଥିଲେ । ସେହି ଐତିହାସିକ ସୁଭାଷ ଚନ୍ଦ୍ରଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ପାଳନ କରିବାର ଏକ ଅଂଶ ଭାବରେ, ଏହି ବର୍ଷର ଗଣତନ୍ତ୍ର ଦିବସ ତାଙ୍କ ଜନ୍ମଦିନରୁ ୨୩ ଜାନୁଆରୀରେ ଆରମ୍ଭ ହୋଇଥିଲା ।

ଗତ ବର୍ଷ ତାଙ୍କ ଜନ୍ମଦିନକୁ 'ଦିନ ଦିବସ' ଭାବରେ ପାଳନ କରିବା ଓ କୋଲକାତାର ମେଲକୁ ନେତାଜୀ ଏକ୍ସପ୍ରେସ ନାମରେ ନାମିତ କରିବା ନିଷ୍ପତ୍ତି ବ୍ୟତୀତ କୋଲକାତାରେ ବର୍ଷ ବର୍ଷ ଧରି ଜନ୍ମ ବାର୍ଷିକୀ ପାଳନ ଆରମ୍ଭ ହୋଇଥିଲା । ପ୍ରକାଶ ଥାଉକି, ଦିଲ୍ଲୀର ପ୍ରଗତିଶୀଳ ଗୃହଗୁଡ଼ିକର ଶୋଭାଯାତ୍ରାରେ ନେତାଜୀଙ୍କ ଜୀବନୀ ଉପରେ ରାଜ୍ୟ ସରକାରଙ୍କ ଟାବଲାଇଡକୁ ରାଜ୍ୟ ସରକାର ଅନୁମୋଦନ କରିନାହାଁନ୍ତି । ଏହା ବ୍ୟତୀତ, ସମୟକ୍ରମେ ଶ୍ୟାମପ୍ରସାଦ ଓ ନେତାଜୀଙ୍କ ମଧ୍ୟରେ ଆଦର୍ଶଗତ ପାର୍ଥକ୍ୟ କିମ୍ବା ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇବା ପାଇଁ ପରସ୍ପରର କିଛି ବିବୃତ୍ତିକୁ ଉଲ୍ଲେଖ କରି ଅନାବଶ୍ୟକ ଦ୍ୱନ୍ଦ୍ୱ ଏବଂ ଚତୁର ଯୁକ୍ତି ଉପସ୍ଥାପନ କରିବାକୁ ଚେଷ୍ଟା କରାଯାଏ । ଯଦିଓ ଏହି ଅବସରରେ ରାଜ୍ୟ ସରକାର ଗଠନ କରିଥିବା କମିଟି ଜାତିର ସୈନ୍ୟବାହିନୀ ନେତାଜୀ ଓ ଆଜାଦ ହିନ୍ଦ୍ ଫୌଜ ମଧ୍ୟରେ ଲଢେଇକୁ ବିରୋଧ କରିବାକୁ ଆସିଛନ୍ତି ବୋଲି ମିଥ୍ୟା ଦାବି କରି ଦେଶର ଲୋକଙ୍କୁ ବିଭ୍ରାନ୍ତ କରିଥିଲେ ।

ସେମାନେ ଘୋଷଣା କଲେ ଯେ ସେମାନେ ଜାପାନରୁ ନେତାଜୀଙ୍କୁ ଫେରିବା ପରେ ଗୁଳି ସହିତ ଅଭିବାଦନ କରିବେ, କିମ୍ବା ଯେଉଁମାନେ ଗର୍ବର ସହିତ ଘୋଷଣା କରିଛନ୍ତି ଯେ ନେତାଜୀ ଯେତେବେଳେ ପ୍ରବେଶ କରିବେ ସେତେବେଳେ ଖୋଲା ଖଣ୍ଡା ଦ୍ୱାରା ଭାରତ ଉପରେ ଆକ୍ରମଣ କରିବେ । ତେବେ ବ୍ରାଟିଆ ଏକ ସ୍ୱତନ୍ତ୍ର ଦଳ କି ? କିନ୍ତୁ ନେତାଜୀ ସମସ୍ତଙ୍କର । ତାଙ୍କର ରାଜନୈତିକ ଉତ୍ତରାଧିକାରୀ ଆଉ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହାତରେ ନାହିଁ । ଏହାପୂର୍ବରୁ ଏହି କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଆଜାଦ୍ ହିନ୍ଦ ସରକାରଙ୍କ ପ୍ଲାଟିନମ୍ ଜୟନ୍ତୀ ଉତ୍ସବରେ ଏକ ସ୍ୱତନ୍ତ୍ର ଦଳ ଦୀର୍ଘ ଦିନ ଧରି କ୍ଷମତାରେ ରହିଆସିଥିଲେ ଓ ନେତାଜୀଙ୍କୁ ଯୋଜନାବଦ୍ଧ ଭାବେ ଅବମାନନା କରି ଏକ ସ୍ୱତନ୍ତ୍ର ପରିବାରକୁ ଚିତ୍ରଣ କରିବାକୁ ଚେଷ୍ଟା କରିଥିଲେ । ସରକାରଙ୍କ ସମାଲୋଚନା । ନେତାଜୀଙ୍କ ଭାରତ ଭାବନା ସହିତ ମତଭେଦକୁ ବିରୋଧ କରି ଆଜାଦ୍ ହିନ୍ଦ ସରକାର ଓ ସେନାର ଅନେକଙ୍କ ଭାଷଣରେ ଐତିହାସିକ ଭୂମିକାକୁ ତୁଚ୍ଛ କରିବାକୁ ଚେଷ୍ଟା କରାଯାଇଥିଲା ।

ବାସ୍ତବରେ କଂଗ୍ରେସ ସମେତ କିଛି ଦଳ ଭୟ କରୁଥିଲେ ଯେ ନେତାଜୀ ସେମାନଙ୍କର ସମ୍ପତ୍ତି ଓ ସରକାରଙ୍କ ପଦକ୍ଷେପ ହରାଇ ପାରନ୍ତି । କିନ୍ତୁ ତା'ପରେ ପ୍ରଶ୍ନ ଉଠିପାରେ, କିନ୍ତୁ ଆଦର୍ଶଗତ ପାର୍ଥକ୍ୟ ହେତୁ ଦେଶର ସରକାର ଏହି ସମ୍ଭ୍ରାନ୍ତ ପିଲାଙ୍କୁ ସମ୍ମାନ ପ୍ରଦର୍ଶନ କରିବେ ନାହିଁ ? ସମସାମୟିକ ସମୟରେ ଅନେକ ଦଳ ତାଙ୍କୁ ବିରୋଧ କରିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକେ ତାଙ୍କ ଉତ୍ତରାଧିକାରୀ ଦାବିରେ ପରସ୍ପର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି । ଆଜାଦ ହିନ୍ଦ ସରକାର ଗଠନର ପ୍ଲାଟିନମ୍ ଜୟନ୍ତୀ ଉପରେ, କିମ୍ବା କଂଗ୍ରେସ କିମ୍ବା ନେତାଜୀଙ୍କ ପ୍ରତିଷ୍ଠିତ ଦଳର ଫରୱାର୍ଡ ବ୍ଲକ୍ କ'ଣ କଲା ? ଅପରପକ୍ଷେ ସତ୍ୟ ଉଦ୍ଦେଶ୍ୟରେ ନେତାଜୀଙ୍କ ଆଜାଦ ହିନ୍ଦ ଫୌଜଙ୍କ ଅବିସ୍ମରଣୀୟ କାର୍ଯ୍ୟ ସରକାରଙ୍କ ପଦକ୍ଷେପ ଏବଂ ସାତ ଦଶନ୍ଧିର ସ୍ୱାଧୀନତାର ପରେ ପ୍ଲାଟିନମ୍ ଜୟନ୍ତୀ ପାଳନ କରିବା ପାଇଁ କିଛି ସଫଳ ପଦକ୍ଷେପ ମାଧ୍ୟମରେ ଏହାର ପ୍ରଥମ ଛୋଟ ରାଜ୍ୟ ମାନ୍ୟତା ପାଇଲା । ଯଦିଓ ତାଙ୍କ ଭାଗ୍ୟ ରହସ୍ୟମୟ ହୋଇ ରହିଛି, ଏହା କହିବା ନିରାପଦ ଅଟେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ଉନ୍ମୋଚନ କରିବାକୁ ବର୍ତ୍ତମାନର ସରକାରଙ୍କ ଅପ୍ରତ୍ୟାଶିତ ଅନିଚ୍ଛା ସ୍ପଷ୍ଟ ହୋଇଛି । ନିକଟ ଅତୀତରେ କେତେକ ନେହେରୁଭିଆନ୍ 'ଜ୍ଞାନୀ' ଆନେରାସ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ସୁଭାଷ ଚନ୍ଦ୍ରଙ୍କ ଅଯୋଧ୍ୟା ଓ ଅଯଥା ବହିଷ୍କାରକୁ ହାଲୁକା କରିବା ପାଇଁ ଚେଷ୍ଟା କରୁଛନ୍ତି । କିନ୍ତୁ ଯେହେତୁ ମହାତ୍ମା ଗାନ୍ଧୀ ଏହି ଘଟଣା ପାଇଁ ଦାୟୀ କି ?

ସେହିପରି ଜବାହରଲାଲ ମଧ୍ୟ ଏକ ପ୍ରଥମେ ଇସ୍ତଫା ନ ଦେଇ ସେ ଇସ୍ତଫା ଦେଇଥିବା କାର୍ଯ୍ୟ କମିଟି ସଦସ୍ୟଙ୍କ ସମର୍ଥନରେ ଏକ ବିବୃତ୍ତି ଦେଇ କହିଥିଲେ ଯେ ସେମାନେ କରିଥିବା ସମସ୍ତ କାର୍ଯ୍ୟ ଗଣତାନ୍ତ୍ରିକ । ଅସ୍ଥିରତା ପାଇଁ ସୁଭାଷ କେବଳ ଦାୟୀ ଏବଂ ତାଙ୍କୁ (ନେହେରୁ) ସାହାଯ୍ୟ କରିବା ସମ୍ଭବ ନୁହେଁ । ପରେ ସେ ଇସ୍ତଫା ଦେଇଥିଲେ । ତ୍ରିପୁରୀ କଂଗ୍ରେସରେ କାର୍ଯ୍ୟ କମିଟି ପ୍ରଥମେ ସବୁ ମହଲରୁ ଗାନ୍ଧିଜୀଙ୍କ ସହ ସହମତ ହେବା ଆବଶ୍ୟକ, ନଚେତ୍ କମିଟି ଆଇନଗତ ଭାବରେ ମାନ୍ୟତା ପାଇବ ନାହିଁ । ନେହେରୁଙ୍କ ଭକ୍ତମାନେ ପ୍ରାୟତଃ ଗୋଟିଏ କଥା କହିବାକୁ ଚେଷ୍ଟା କରିଥିଲେ - ସୁଭାଷ ଚନ୍ଦ୍ର କିମ୍ବା ଜହରଲାଲଙ୍କ ପାଇଁ କୌଣସି ବ୍ୟକ୍ତିଗତ ନାପସନ୍ଦ ନଥିଲା । କିନ୍ତୁ ଯେକେହି ସର୍ବସାଧାରଣରେ ଘୋଷଣା କରିପାରନ୍ତି " ମୁଁ ତାଙ୍କୁ ଖୋଲା ମନରେ ଗ୍ରହଣ କରିବି" କିମ୍ବା କ୍ରାଇମସନ୍ ଆଟଲେ ପରେ ନେତାଜୀଙ୍କୁ "ଆମର ଯୁଦ୍ଧ ଅପରାଧୀ" କିମ୍ବା "ବନ୍ଧୁ" ବୋଲି କହିଥିଲେ । ତଥାପି ସେ ଏକ 'ମଧୁର' ସମ୍ପର୍କର ସମୀକରଣକୁ ସୂଚାଇଥାଏ ।

ସେ ବିଶ୍ୱାସଘାତକତା କରିଥିଲେ । ତାଙ୍କ ପରିବାର ଓ ପ୍ରିୟଜନମାନେ ସେମାନଙ୍କୁ ଅତ୍ୟଧିକ ଅନିଶ୍ଚିତତା ମଧ୍ୟରେ ଛାଡ଼ିଦେଲେ । ସ୍ୱାଧୀନତା ପରଠାରୁ ଦେଶକୁ ଯେକୌଣସି ପ୍ରକାରେ ମୁକ୍ତ କରିବାରେ ତାଙ୍କର ଐତିହାସିକ ଭୂମିକା ଅବହେଳିତ । ସେ ଭାରତରେ ଗ୍ଲାନିଙ୍କ୍ କମିଶନର ପ୍ରକୃତ ପିତା । ନେହେରୁ ହେଉ କି ଭାରତ, ନିମ୍ନମାନର ଜଟିଳତାକୁ ସ୍ୱୀକାର କରିବାକୁ ଆଗ୍ରହୀ । ଯୋଜନା କରିବାର ଧାରାର ଉତ୍ପାଦକ ଅଟେ । ୧୫ ଅଗଷ୍ଟ ୧୯୪୭ ରେ ଦିଲ୍ଲୀର ଆକାଶବାଣୀରୁ ସ୍ୱାଧୀନତା ଆଣିଥିବା ବ୍ୟକ୍ତିଙ୍କ ନାମରେ ଆଜାଦ ହିନ୍ଦ ଫୌଜଙ୍କ ନାମ କଦାପି ଉଚ୍ଚାରଣ କରାଯାଇ ନଥିଲା । ଉଦାହରଣ ସ୍ୱରୂପ ମଧ୍ୟରାତ୍ରିରେ ଦୁଇଥର ଦଳର ସଭାପତିଙ୍କ ଏକକାଳୀନ ପାର୍ଟୀ ସହକର୍ମୀ "ବନ୍ଧୁ" କୁ ଦର୍ଶାଇ ଜାତିସଂଘକୁ ଦେଇଥିବା ଭାଷଣ "ଡେଷ୍ଟିନୀ ସହିତ ବିଶ୍ୱାସ" କଦାପି ଉଚ୍ଚାରଣ କରାଯାଇ ନଥିଲା । ଯଦିଓ ସେ ଏକ ବଡ଼ ଅଂଶ ଗ୍ରହଣ କରିଥିଲେ । ତାଙ୍କ ବନ୍ଧୁ ମାଉଣ୍ଟବ୍ୟାଟେନ୍‌ଙ୍କ ସୌଜନ୍ୟରେ ହେଭିଟରୁ ଆଜାଦ ହିନ୍ଦ ସରକାରଙ୍କ ବିପୁଳ ଭାଗ୍ୟର ଅନ୍ୟପକ୍ଷରେ, ନେତାଜୀଙ୍କ ଅନୁପସ୍ଥିତିରେ ଯୁଦ୍ଧ ପରେ ବିଶୃଙ୍ଖଳା ଓ ଅରାଜକତା ଲୁଟ୍ ହୋଇଛି ।

ତଥାପି ଶାସକ ଦଳ ସ୍ୱାଧୀନତା ପରବର୍ତ୍ତୀ ସମୟର ଅଧିକାଂଶ ସମୟ ପାଇଁ ଦେଶ-ଚିନ୍ତାଧାରାରେ ଆଜାଦ ହିନ୍ଦ ଫୌଜଙ୍କ ଚିନ୍ତାଧାରାକୁ ପ୍ରୟୋଗ କରିବାକୁ ନାରାଜ । ନେତାଜୀଙ୍କ ଛବି ଭାରତର ପୋଲିସ ଷ୍ଟେସନରେ ପୋଷ୍ଟ କରାଯିବା ଉପରେ ବାରଣ କରାଯାଇଥିଲା । ଆଜାଦ ହିନ୍ଦ ଫୌଜାଙ୍କ ନାମ ମଧ୍ୟ ପ୍ରଶାସନରେ ଉଲ୍ଲେଖ କରାଯାଇଥିଲା । ପଣ୍ଡିତ ନେହେରୁଙ୍କ ଆପତ୍ତି ମଧ୍ୟ ନଥିଲା କାରଣ ସେ ଭାବିଥିଲେ ଯେ ଆଉ କିଛି ଅଛି ଯାହା ନେତାଜୀ ଭାବିବେ ନାହିଁ । ବିମାନ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ମନ୍ତବ୍ୟଗୁଡିକ ଅନାବଶ୍ୟକ । ନିଜ ବିଶ୍ୱାସୀଙ୍କ ନେତୃତ୍ୱରେ ଏକ କମିଟିର ରିପୋର୍ଟକୁ ଦର୍ଶାଇ ଏକ ବିମାନ ଦୁର୍ଘଟଣାରେ ନେତାଜୀଙ୍କ ମୃତ୍ୟୁ ଘଟିଛି । ଯଦି ଏହାକୁ ନେଇ ବିବାଦ ଓ ଗୁରୁତର ଅଭିଯୋଗ ଥାଏ, ତେବେ ଗୋଟିଏ ସଦସ୍ୟ ବିଶିଷ୍ଟ କମିଶନ ଗଠନ କରାଯାଇ ପୂର୍ବ ରିପୋର୍ଟକୁ ସିଲ୍ କରାଯାଇଛି ।

ତେବେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମୋରାରଜୀ ଦେଶାଇ ଶୋନାଜ କମିଟି ଓ ଖୋସଲା ଆୟୋଗର ନିଷ୍ପତ୍ତିକୁ ବୃତ୍ତାନ୍ତ ଘୋଷଣା ନକରିବା ପରେ ଏକ ନୂତନ ଅନୁସନ୍ଧାନ ଆୟୋଗ ଗଠନ ହେବାର ସମ୍ଭାବନା ଥିଲା । କିନ୍ତୁ ନେତାଜୀଙ୍କୁ ମୃତ୍ୟୁ ପରେ ଭାରତ ରତ୍ନ ଦିଆଯିବା ପରେ ମଧ୍ୟ ନେତାଜୀଙ୍କ ପାଉଁଶ, ରେଷ୍ଟୋଜି ମନ୍ଦିରରେ ରଖାଯାଇଥିବା ଏକ ରିକ୍ସ ଏହାକୁ ଦେଶକୁ ଫେରାଇ ଆଣିବା ପାଇଁ ଏକ ବାହାନା ଭାବରେ ବ୍ୟବହାର କରାଯାଇଥିଲା । ଅନ୍ତିମ ସମ୍ମତି ପାଇବା ସମ୍ଭବ ନୁହେଁ । ଜର୍ମାନୀରେ ରହୁଥିବା ନେତାଜୀଙ୍କ ଅନ୍ୟତମ କ୍ୱାଇଁ ସୁର୍ଯ୍ୟ କୁମାର ବସୁଙ୍କ ଅନୁଯାୟୀ, ମିଟିଂ ସମୟରେ ଏମିଲିଆ ପ୍ରଣବାବୁଙ୍କ ସହ ବିମାନରେ ନେତାଜୀଙ୍କ ମୃତ୍ୟୁ କାହାଣୀକୁ ସେ ବିଶ୍ୱାସ କରିନଥିଲେ ଏବଂ ରେଷ୍ଟୋଜି ମନ୍ଦିରରେ ରଖାଯାଇଥିବା ପାଉଁଶ ସହିତ ନେତାଜୀଙ୍କ କୌଣସି ସମ୍ପର୍କ ନାହିଁ । ନେତାଜୀଙ୍କ ସାନ ଭିକାରୀ ଶିଲେଶ ଚନ୍ଦ୍ର ବୋଷଙ୍କ ଜୀବନରେ ନେତାଜୀ ପରିବାରର ଅନ୍ୟ ସମସ୍ତ ସଦସ୍ୟ ମିଳିତ ଲିଖିତ ବିବୃତ୍ତିରେ କହିଛନ୍ତି ଯେ ରେଷ୍ଟୁରାଣ୍ଟ ମନ୍ଦିରରେ ରଖାଯାଇଥିବା ଉଚ୍ଚ ନେତାଜୀଙ୍କ ପାଉଁଶ ନୁହେଁ । ସେମାନେ ପାଉଁଶକୁ ଭାରତ ଆଣିବାକୁ ବିରୋଧ କରୁଛନ୍ତି । ସେମାନେ ଭାବନ୍ତି ଯେ ପାଉଁଶକୁ ଭାରତକୁ ଆଣିବା ଓ ଏହାକୁ ନେତାଜୀଙ୍କ ପାଉଁଶକୁ ଲୋକମାନଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ଅସାଧୁ ପ୍ରୟାସ । ନିକଟ ଅତୀତରେ, ନେହେରୁ ମୃତଦେହ ଆଣିବା ସପକ୍ଷରେ ବସ୍ତ୍ରାଷ୍ଟାବାରୀ ଓ ବାସ୍ତ୍ରାସ୍ଥାରୀର ଅନ୍ୟତମ ଲୋକ ଏମିଲିଆଙ୍କ ସହ ସାକ୍ଷାତ ବିଷୟରେ ଉଲ୍ଲେଖ କରିଥିଲେ । କିନ୍ତୁ ଚେତନାରେ ତାଙ୍କ ମତଭେଦକୁ ଏଡ଼ାଇ ଯାଇଥିଲେ । ସମ୍ପତ୍ତି ସଂଗ୍ରହ କରିବାରେ ବିଫଳ ହୋଇ ପରବର୍ତ୍ତୀ ନିର୍ବାଚନରେ ? ?କଂଗ୍ରେସ ହାରିଯିବାରୁ ଅର୍ଦ୍ଧ ସତ୍ୟର ଛଦ୍ମବେଶରେ ଅବଶିଷ୍ଟାଂଶକୁ କୋଠାକୁ ଆଣିବା ପାଇଁ ଦୁଷ୍ଟ ଯୋଜନା ସଫଳ ହୋଇପାରିଲା ନାହିଁ । କିନ୍ତୁ ଏହା ଶେଷ ନୁହେଁ ନେହେରୁ ଉତ୍ତରାଧିକାରର ସର୍ବଶେଷ ଉତ୍ତରାଧିକାରୀ ହେଉଛି ବାମପନ୍ଥୀଙ୍କ ସମର୍ଥନ ।

ସୁପ୍ରିମକୋର୍ଟର ଅବସରପ୍ରାପ୍ତ ଜଷ୍ଟିସ ମନୋଜ କୁମାର ମୁଖାର୍ଜୀଙ୍କ ନେତୃତ୍ୱରେ ଏକ ସଦସ୍ୟ ବିଶିଷ୍ଟ ଅନୁସନ୍ଧାନ କମିଶନଙ୍କ ଦ୍ୱାରା ତଥାକଥିତ ବିମାନ ଦୁର୍ଘଟଣାରେ ନେତାଜୀଙ୍କର ମୃତ୍ୟୁ ହୋଇନଥିଲା । ପ୍ରଥମ ୟୁପିଏ (ଟଚଇ) ସରକାର ବିନା ଶୀଘ୍ର ଏବଂ କୌଣସି କାରଣ ନ ଦେଖାଇ ବରଖାସ୍ତ । ଯେଉଁମାନେ ବିମାନ ଦୁର୍ଘଟଣାର ପରବର୍ତ୍ତୀ ପ୍ରତିଷ୍ଠା ଓ ପ୍ରସାର କରିବାକୁ ସଂକଳ୍ପବଦ୍ଧ । ସେମାନଙ୍କ ପାଇଁ କିଛି ନେତାଜୀ ଅନୁସନ୍ଧାନରୁ ଜଣାପଡିଛି ଯେ ନେତାଜୀ ରୁଷରେ ପ୍ରବେଶ କରିବା ପରେ ସେଠାରେ କାରାଗାରରେ ଥିଲେ । କିନ୍ତୁ ମାର୍ଚ୍ଚ ୧୯୫୩ ରେ ଷ୍ଟାଲିନଙ୍କ ମୃତ୍ୟୁ ପରେ ସେ ସୋଭିଏତ୍ ରୁଷରୁ ପଳାଇବାରେ ସଫଳ ହୋଇଥିଲେ । ଭାରତ ଓ ଉତ୍ତର ପ୍ରଦେଶର ନାଇମିଆରିଆନ ନିମସର ଇତ୍ୟାଦି ବିଭିନ୍ନ ସ୍ଥାନ ପରେ ଶୁମ୍ନାମି ବାବା ଫିଜାବାଦର ରାମ ଭବନରେ ଛଦ୍ମନାମ ଅଧୀନରେ ରହି ୧୯୭୫ ମସିହାରେ ସେଠାରେ ମୃତ୍ୟୁ ବରଣ କରିଥିଲେ । କିଛି ଦିନ ପରେ ଏହା ଜଣାପଡିଥିଲା ? ? ଯେ ସେ ନେତାଜୀଙ୍କୁ ଛଦ୍ମବେଶରେ ଶୁନାମୀ ବାବା (ଭଗବାନ୍ଜୀ) ମନାମି ବାବା ଅଟନ୍ତି । କାରଣ ସେହି ସାଧୁ ରାମ ଭବନଙ୍କ ଡେରାରୁ ପୋଲିସ ଉଦ୍ଧାର କରିଥିବା ଅଳ୍ପ କିଛି ଟ୍ରଙ୍କରେ ଭର୍ତ୍ତି ହୋଇଥିବା ଅନେକ ପୁସ୍ତକ ଓ ଅନ୍ୟାନ୍ୟ ସାମଗ୍ରୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ? ?

ନେତାଜୀଙ୍କ ଭଣଜା ଲଲିତା ବସୁ ତାଙ୍କ ସହ ଅନ୍ୟ ଦୁଇଜଣଙ୍କ ଅନୁରୋଧ କ୍ରମେ ଆହ୍ଲାବାଦ ଉପ-ଜିଲ୍ଲାର ଆଦେଶ ଅନୁଯାୟୀ ପ୍ରାପ୍ତ ହୋଇଥିବା ଓ ବର୍ତ୍ତମାନ ଫିଜାବାଦ ଟ୍ରେଜେରୀରେ ରଖାଯାଇଥିବା ପ୍ରାୟ ୩୦୦୦ ଇନଭେଣ୍ଟୋରୀ ସାମଗ୍ରୀର ତାଲିକାରେ ଲଲିତା ବସୁଙ୍କ ଦ୍ୱାରା ଚିହ୍ନିତ ବସୁ ପରିବାରର ପୁରୁଣା ପରିବାର ଫଟୋ ଓ ନେତାଜୀଙ୍କର କିଛି ବ୍ୟକ୍ତିଗତ ଜିନିଷ ଅନ୍ତର୍ଭୁକ୍ତ ରହିଛି । ଫିଜାବାଦରୁ ଆୟୋଗଙ୍କ ନିକଟରେ ଉପସ୍ଥାପିତ କରାଯାଇଥିଲା । ଅନେକ ବିବାହିତ ସାକ୍ଷ୍ୟ ଦେଇଛନ୍ତି । କିନ୍ତୁ ଚରମ ପ୍ରମାଣ ଅଭାବରୁ ଆୟୋଗ କୌଣସି ନିଷ୍ପତ୍ତିରେ ପହଞ୍ଚିବାକୁ ବାରଣ କରିଛନ୍ତି, ଯଦିଓ ଏହା ସମ୍ଭାବନାକୁ ଏଡ଼ାଇ ଦେଇନାହାଁନ୍ତି । ଯଦିଓ ନିକଟରେ ଏକ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ଆମେରିକୀୟ ହସ୍ତଲିଖନ ବିଶେଷଜ୍ଞ ଏହି ଦୁଇଜଣଙ୍କ ହସ୍ତଲିଖନକୁ ଯାଞ୍ଚ କରି ସିଦ୍ଧାନ୍ତ ନେଇଛନ୍ତି ଯେ ଦୁଇଟି ହସ୍ତଲିଖନ ସମାନ ବ୍ୟକ୍ତିଙ୍କର ଅଟେ । ବିଷ୍ଣୁ ସାହା କମିଶନ ମଧ୍ୟ କୋ ?ଳକ୍ରମେ ଅଜ୍ଞାତ ପିତାଙ୍କ ଦାୟିତ୍ୱକୁ ଏଡାଇ ଦେଇଛନ୍ତି । ତଥାପି ପୁନରୁଦ୍ଧାର ମନ୍ଦିରର ପାଉଁଶ ଉଦ୍ଧାର କରିବା କିମ୍ବା ନେତାଜୀଙ୍କୁ ୧୨ ବର୍ଷରୁ ଅଧିକ ସମୟ ଧରି ନିଖୋଜ ଥିବାରୁ ମୃତ ଘୋଷଣା କରିବାବେଳେ ନିଖୋଜ ହେବାର ରହସ୍ୟକୁ ବଞ୍ଚାଇ ରଖିବା ପାଇଁ ନେହେରୁଭିଆନଙ୍କ ସୁଦୂରପ୍ରସାରୀ ଯୋଜନାର ଏକ ଅଂଶ ସବୁଦିନ ପାଇଁ ରହସ୍ୟ ।

ଦୁର୍ଭାଗ୍ୟବଶତଃ ବସୁ ପରିବାରର କିଛି ସଦସ୍ୟ ମଧ୍ୟ ଏହି ଯୋଜନାରେ ଜଡିତ । ସେ କମିଶନଙ୍କ ସହ ସହଯୋଗ କରୁ ନ ଥିବା ବାହାନା କରି ସାକ୍ଷୀ ଦେବା ପାଇଁ (ସମନ ଗ୍ରହଣ କରିବା ସତ୍ତ୍ୱେ) ମୁଖାର୍ଜୀ କମିଶନଙ୍କ ନିକଟରେ ହାଜର ହୋଇନଥିଲେ । କିନ୍ତୁ ଏହି ପରିପ୍ରେକ୍ଷୀରେ ସେମାନଙ୍କର ନିଜସ୍ୱ ଅଭିଜ୍ଞତା ନଥିଲେ ମଧ୍ୟ କମିଶନଙ୍କ ରିପୋର୍ଟରେ ପ୍ରକାଶିତ ନିଷ୍ପତ୍ତିରେ, ସେମାନଙ୍କ ମଧ୍ୟରୁ କେତେକ ସୁପ୍ରିମକୋର୍ଟର ମାନ୍ୟବର ବିଚାରପତିଙ୍କୁ ଉପହାସ କରିଛନ୍ତି ଯେ ସେ ବଙ୍ଗୀୟ । ନିକଟ ଅତୀତରେ ସଂକୀର୍ଣ୍ଣ ଭାବବାଦୀ ଧାର୍ମିକ ବ୍ୟକ୍ତିମାନେ ତାଙ୍କୁ ନେତାଜୀଙ୍କୁ ଏକ ଅଜବ ସାଧୁ କରି ଅପମାନ କରିଛନ୍ତି । କିନ୍ତୁ ତାହା ପ୍ରକୃତରେ କି ? ଅପରପକ୍ଷେ ଏହା ଏକ ବଡ ଅଣ-ବକ୍ତବ୍ୟ ବୋଲି ଅଭିଯୋଗ ଆଉ କୁହାଯାଇପାରିବ ନାହିଁ । ବାସ୍ତବରେ ସେମାନେ ନେହେରୁଭିଆନଙ୍କ ହାତରେ କାହିଁକି ଧୂମପାନ କରୁଛନ୍ତି । ଏହି ଅସଦାଚରଣରେ ସକ୍ରିୟ ଥିବା ଅସଂଖ୍ୟ ନେତାଙ୍କ କୌତୁହଳ । ସେମାନଙ୍କ ମଧ୍ୟରୁ ଅନେକେ ଭାବନ୍ତି ଯେ ୨୩ ଜାନୁଆରୀରେ, ଏକ ସ୍ୱାଧୀନତା ପାଇଁ ଏକ ପ୍ରଶ୍ନ ବାରମ୍ବାର ଆସେ । ଯାତ୍ରୀମାନେ ବିନା ଦ୍ୱିଧାରେ ନିଜ ଜୀବନକୁ ବିପଦରେ ପକାଇଲେ । ସେ ପୁଣି ଥରେ ନିଜ ପ୍ରିୟ ମାତୃଭୂମିକୁ ଫେରିବାରେ ସକ୍ଷମ ହୋଇଥିଲେ କି ? ସେ ସେହି ପାରାମରାଧ୍ୟା ଦେଶ ମାତାଙ୍କ ପ୍ରେମରେ ଅନନ୍ତ ନିଦ୍ରାର ରାସ୍ତାରେ ଶେଷ ଅଧ୍ୟାୟ ବିତାଇବାକୁ ସକ୍ଷମ ହୋଇଥିଲେ କି ? ? ସେ ତଥାପି ପୃଷ୍ଠଭୂମିରେ କୌଣସି ସ୍ଥାନରେ ନିଜ କାର୍ଯ୍ୟରେ ନିୟୋଜିତ ଥିଲେ ? ? ?

ତେବେ ଦେଶର ଜନସାଧାରଣ ଏହି ପ୍ରସଙ୍ଗରେ ସଚେତନ ଓ ସଜାଗ ରହିବା ଉଚିତ୍ । ସୁଭାଷ ବୋଷଙ୍କ ନିରନ୍ତର ଅଭ୍ୟାସ ଓ କାର୍ଯ୍ୟକାରିତା ଉପରେ ଜନସାଧାରଣଙ୍କ ମତାମତ ସୃଷ୍ଟି କରିବା ସହିତ ତାଙ୍କର ଶେଷ ଭାଗ୍ୟର ରହସ୍ୟ ଉନ୍ମୋଚନ କରିବା ଉଚିତ୍। ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ କଥାରେ ସେ ଆମର ଜାତୀୟ ଆଲୋକ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ -୪, (ମୋ) ୯୦୪୦ ୧୫୧୪ ୭୫

ବ୍ଲଡ ସୁଗାର ଲେବୁଲକୁ କଂଟ୍ରୋଲ କରିବାକୁ ଚାହୁଁଛନ୍ତି କି ? ରାତିରେ ଶୋଇବା ପୂର୍ବରୁ କରନ୍ତୁ ଏହି ଉପାୟ

**ଆଜିକାଲି ଦୁନିଆରେ ଡ଼ାଇବେଟିସ ଏକ କ୍ରନିକ ରୋଗ ଅଟେ । ଏହି ରୋଗକୁ ସମ୍ପୂର୍ଣ୍ଣ ଠିକ କରାଯିବା ଅସମ୍ଭବ, କିନ୍ତୁ ଲାଇଫଷ୍ଟାଇଲକୁ ବଦଳାଇ ଏହାକୁ କଣ୍ଟ୍ରୋଲ କରାଯାଇପାରିବ । ଡ଼ାଇବେଟିସ ରୋଗୀ ନିଜର ଖାଦ୍ୟ ପାନୀୟକୁ ଠିକ ରଖିବା ସହ ଜୀବନ ପ୍ରଣାଳୀର ଯତ୍ନ ନେବା ନିହାତି ଆବଶ୍ୟକ । ଏପରି ରୋଗୀଙ୍କୁ ଭରପୁର ନିଦ ସହ ଷ୍ଟ୍ରେସ କମ ନେବ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଉତ୍ତରଦାୟିତ୍ୱ...

୨୦୨୩ ପାଦ ଥାପୁ ଥାପୁ ରାଜନୀତି ଦୃଷ୍ଟିକୋଣରୁ ଚଳଚଞ୍ଚଳତା ଦେଖା ଦେଲାଣି ସମଗ୍ର ଦେଶରେ ତଥା ରାଜନୈତିକ ଦଳମାନଙ୍କ ମଧ୍ୟରେ । ଦେଶର ଦୁଇ ପ୍ରମୁଖ ରାଜନୀତିକ ଦଳ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ସାଙ୍ଗକୁ ବିଜେପିର ମାନସ ମନ୍ଥନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ବାଚନୀ ବିଜୟ ପାଇଁ ଗୁରୁମନ୍ତ୍ର ପ୍ରଦାନ ବାତାବରଣରେ ଉଷ୍ମତା ସୃଷ୍ଟି କରିବାକୁ ଆରମ୍ଭ କରିଛି । ପରବର୍ତ୍ତୀ ସଂସଦୀୟ ନିର୍ବାଚନ ୨୦୨୪ରେ ଅନୁଷ୍ଠିତ ହେବା ଆଶା କରାଯାଉଛି । ସ୍ୱାଭାବିକ ଭାବରେ ତେଣୁ ଏହାର ଫଳାଫଳ ଉପରେ ସମଗ୍ର ଭାରତ ସହିତ ବିଶ୍ୱର ନିବଦ୍ଧ ରହିବ । କିନ୍ତୁ ଚଳିତ ବର୍ଷ ମଧ୍ୟରେ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ପ୍ରାୟ ନଅଟି ରାଜ୍ୟ ସେମାନଙ୍କର ବିଧାନସଭାର ସଦସ୍ୟଙ୍କ ସହିତ ସରକାରମାନଙ୍କୁ ଏଇ ବର୍ଷ ନିର୍ବାଚନ ଜରିଆରେ ବାଛିବେ । ରାଜନୀତି ପଣ୍ଡିତମାନଙ୍କ ମତରେ, ଏସବୁ ରାଜ୍ୟର ନିର୍ବାଚନୀ ଫଳାଫଳ ସୂକ୍ଷ୍ମ ଭାବରେ ଜାତୀୟ ସ୍ତରର ନେତାମାନଙ୍କୁ ବାଛିବା ମାନସିକତାର ପ୍ରତିଫଳନ କରିବ ବୋଲି ସେମିତି କିଛି ନିର୍ଦ୍ଦିଷ୍ଟତା ନାହିଁ । ତଥାପି ଏହି ରାଜ୍ୟମାନଙ୍କର ଫଳାଫଳ ରାଜନୀତି ବିଶାରଦମାନଙ୍କଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ମନରେ ଆଗ୍ରହ ସୃଷ୍ଟି କରିବ, କାରଣ ଜାତୀୟ ରାଜନୀତିରେ ଦୁଇ ପ୍ରମୁଖ ଖେଳାଳି ଭାରତୀୟ ଜନତା ପାର୍ଟି (ବିଜେପି) ଏବଂ କଂଗ୍ରେସ ଉପରୋକ୍ତ ରାଜ୍ୟମାନଙ୍କ ମଧ୍ୟରୁ ଅଧିକାଂଶରେ ପରସ୍ପର ବିରୁଦ୍ଧରେ ସିଧାସଳଖ ଲଢ଼ିବେ । ନିର୍ବାଚନୀ ଋତୁର ଏହି ନିର୍ବାଚନଗୁଡ଼ିକ ଆରମ୍ଭ ହେବାକୁ ଯାଉଛି ଦେଶର ଉତ୍ତରପୂର୍ବ ଭାଗର ତିନିଗୋଟି ରାଜ୍ୟରୁ, ଯେଉଁଗୁଡ଼ିକରେ ରାଜନୀତିକ ଦଳମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି । ଏହାର କାରଣ, ବିଜେପିର ସଭାପତି ଜେପି ନଡ୍ଡା ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବାକୁ ଯାଉଥିବା ନଅଟିଯାକ ରାଜ୍ୟ ପାଇଁ ଦଳର ଉଦ୍ଦେଶ୍ୟକୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ସାରିଛନ୍ତି । ଉତ୍ତରପୂର୍ବର ତିନିଗୋଟି ରାଜ୍ୟ ମଧ୍ୟରୁ ତ୍ରିପୁରା ଏହାର ନୂଆ ସରକାର ବାଛିବା ପାଇଁ ଫେବୃଆରୀ ୧୬ ତାରିଖରେ ମତଦାନ କରିବାକୁ ଯାଉଥିବା ବେଳେ ମେଘାଳୟ ଏବଂ ନାଗାଲାଣ୍ଡ ଏହି କାର୍ଯ୍ୟ ଫେବୃଆରୀ ୨୭ତାରିଖରେ କରିବେ । ସବୁ ରଜ୍ୟମାନଙ୍କର ଫଳାଫଳ ଘୋଷଣା ହେବ ମାର୍ଚ୍ଚ ୨ ତାରିଖରେ । ବିଜେପି, ଏସବୁ ରାଜ୍ୟରେ ପୂର୍ବରୁ ଯାହାର ନାମକୁ ମାତ୍ର ଉପସ୍ଥିତି ରହିଥିଲା, ବର୍ତ୍ତମାନ ସମୟରେ ଏହି ଅଞ୍ଚଳରେ ଭୟଙ୍କର ଗତିରେ ନିଜର ପାଦ ପ୍ରସାରଣ କରି ଚାଲିଛି । ଆସାମକୁ ଏହା ନିଜ ହାତମୁଠାରେ ରଖି ସାରିଥିବା ବେଳେ ତ୍ରିପୁରାରେ ରାଜ୍ୟ ସରକାରର ନେତୃତ୍ୱ ନେଉଛି ଏବଂ ମେଘାଳୟ ଓ ନାଗାଲାଣ୍ଡରେ ଶାସକ ମେଣ୍ଟର ଏକ ଅଂଶ ଭାବରେ ରହିଛି । ତଥାପି ଏସବୁ ରାଜ୍ୟରେ କ୍ଷମତାକୁ ନିରଙ୍କୁଶ ଭାବରେ ନିଜ ହାତରେ ରଖିବା ବିଜେପି ପାଇଁ ସହଜସାଧ୍ୟ ହେବାକୁ ଯାଉନାହିଁ; ଏହା ଏକ କଠିନ କାର୍ଯ୍ୟ ସାବ୍ୟସ୍ତ ହେବାକୁ ଯାଉଛି । ତ୍ରିପୁରାରେ ଏହା କଂଗ୍ରେସ ଏବଂ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ସିପିଆଇ-ମାର୍କ୍ସବାଦୀ)ର ମିଳିତ ଶକ୍ତିର ମୁକାବିଲା କରିବା ଆଶା କରାଯାଉଥିବା ବେଳେ ପ୍ରଦ୍ୟୋତ କିଶୋର ଦେବବର୍ମାଙ୍କ ତିମୁହା ଇଣ୍ଡିଜେନସ୍ ପ୍ରୋଗ୍ରେସିଭ୍ ରିଜିଓନାଲ ଆଲିଆନ୍ସ ମଇଦାନକୁ ଅଧିକ ଉତ୍ତେଜକ କରିବାର ସମ୍ଭାବନା ବହନ କରୁଛି । ଏମିତିକି ମେଘାଳୟରେ ମଧ୍ୟ ବିଜେପିର ଶାସକ ନ୍ୟାସନାଲ ପିପଲ'ସ୍ ପାର୍ଟି (ଏନ୍‌ପିପି) ସହିତ ସମ୍ପର୍କ ଧୂମାଭ ହୋଇ ସାରିଛି । ତେଣୁ ପଲା ଅବଶ୍ୟ କଂଗ୍ରେସ ସପକ୍ଷରେ ଅଧିକ ଢଳି ରହିବା ଅବସ୍ଥାରେ ଅଛି ଏବଂ ଏହା ଏହି ଅଞ୍ଚଳରେ ପୁଣିଥରେ ନିଜର ପୂର୍ବ ସ୍ଥିତିକୁ ଯେ ନ ଫେରିବ, ତାହା କହିହେବ ନାହିଁ । ଇତ୍ୟବସରରେ, ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମେଘାଳୟରେ କେତେକାଂଶରେ ସଫଳତାର ସ୍ୱାଦ ଚାଖିବାରେ ସକ୍ଷମ ହୋଇଛି । ଟିଏମ୍‌ସି ଏକ ଆଞ୍ଚଳିକ ରାଜନୀତିକ ଦଳ ହୋଇଥିଲେ ସୁଦ୍ଧା ଏହି ରାଜ୍ୟରେ ଏହାର ସଫଳତା ଦିଲ୍ଲୀରେ ଏକ ଭୂମିକା ନିର୍ବାହ କରିବାର ମହତ୍ତ୍ୱାକାଂକ୍ଷାକୁ ପ୍ରୋତ୍ସାହନ ଯୋଗାଇ ପାରେ । ଯେତେଦୂର ନାଗାଲ୍ୟାଣ୍ଡର କଥା ଉଠେ, ଏହା ଏକ ସ୍ଥିର ସରକାର ସହିତ ଦୃଢ଼ ବିରୋଧୀ ଦଳ ପାଇବା ନିମନ୍ତେ ଉତ୍ସାହିତ ହେବା ଉଚିତ । ଆଜିକା ଦିନରେ, ଗଣତନ୍ତ୍ର ପାଇଁ ଏକ ବିଚିତ୍ର ବିକାଶର ସ୍ଥିତିରେ ନାଗାଲ୍ୟାଣ୍ଡ ହେଉଛି ଦେଶର ଏକମାତ୍ର ରାଜ୍ୟ, ଯେଉଁଠି କୌଣସି ବିରୋଧୀ ଦଳ ନାହାନ୍ତି । ଉପରୋକ୍ତ ତିନିଗୋଟିଯାକ ରାଜ୍ୟର ନିର୍ବାଚନରେ ଯେଉଁ ଦଳ ବି ବିଜୟ ହାସଲ କରି ଶାସନ ଗାଦିରେ ବସନ୍ତୁ ନା କାହିଁକି, ସେମାନଙ୍କ ପାଇଁ ଆଗାମୀ ସମୟର କର୍ତ୍ତବ୍ୟ ସ୍ଥିର ହୋଇ ରହିଛି । ଉତ୍ତରପୂର୍ବ କ୍ଷେତ୍ର ଭାରତର ଏକ କୌଶଳପୂର୍ଣ୍ଣ କୋଣ ହେବା ବ୍ୟତୀତ ଅନ୍ୟାନ୍ୟ ଆହ୍ୱାନଗୁଡ଼ିକ ସହିତ ସ୍ୱଚ୍ଛ ବିକାଶ, ଦୁର୍ନୀତି, ଆତଙ୍କବାଦ ତଥା ଆନ୍ତଃସୀମା ଉତ୍ତେଜନାଗୁଡ଼ିକ ସଙ୍ଗେ ସଂଘର୍ଷ କରିବା ବଜାୟ ରଖୁଛି । ଏକଥା ସତ୍ୟ ଯେ ବିଜେପି ଗତ ବର୍ଷ ଏହି ଅଞ୍ଚଳର କେତେକ ଭାଗରୁ ମଧ୍ୟଯୁଗୀୟ ଉପାଡ଼କ ଆଇନ ଆଫ୍‌କୁ ପ୍ରତ୍ୟାହାର କରି ଏକ ପ୍ରଶଂସନୀୟ କାର୍ଯ୍ୟ କରିଛି । କିନ୍ତୁ ଏହି ଅଞ୍ଚଳରେ ଏବେ ସୁଦ୍ଧା ଜନ ଜୀବନ ସମ୍ପୂର୍ଣ୍ଣ ସ୍ୱାଭାବିକ ଅବସ୍ଥା ପ୍ରାପ୍ତ କରିନାହିଁ ଏବଂ କେତେକ ପ୍ରସଙ୍ଗକୁ ନେଇ ଅଶାନ୍ତି ଲାଗି ରହିଛି, ଯାହା ଅର୍ଥନୀତିକ ଅଭିବୃଦ୍ଧି ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ପୁନଶ୍ଚ, ବିଜେପିର ହିନ୍ଦୀ-ହାର୍ଟଲ୍ୟାଣ୍ଡ ଜାତୀୟତାବାଦୀ ମନୋଭାବ ଏଠାରେ ପ୍ରାୟତଃ ଆଞ୍ଚଳିକ ମନୋଭାବକୁ ପ୍ରଭାବିତ କରିବା କ୍ଷେତ୍ରରେ ପ୍ରତିକୂଳାତ୍ମକ ଭାବରେ ଉଭା ହେଉଛି । ଏସବୁ ବାଦ୍ ଅରୁଣାଚଳ ପ୍ରଦେଶରେ ଚୀନ୍ ସେନାର ଅନୁପ୍ରବେଶ ଉଦ୍ୟମ ଏହି ଅଞ୍ଚଳର ନୀତିଗୁଡ଼ିକୁ କେନ୍ଦ୍ରୀୟତା ପ୍ରଦାନ କରିବା ପାଇଁ ଆମନ୍ତ୍ରଣ କରିଛି । ତେଣୁ ଯେଉଁମାନେ ବି ଏଇ ଅଞ୍ଚଳରେ ନିର୍ବାଚିତ ହୁଅନ୍ତୁ ନା କାହିଁକି, ରାଜନୀତିକ ମତପାର୍ଥକ୍ୟରୁ ଉର୍ଦ୍ଧ୍ୱକୁ ଉଠି ସେମାନେ ଦେଶର, ଏହି ଅଞ୍ଚଳର ଏବଂ ଲୋକମାନଙ୍କର ଉନ୍ନତି ନିମନ୍ତେ ଏସବୁ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ଅତ୍ୟାବଶ୍ୟକ, କାରଣ ଏହା ସେମାନଙ୍କର ଉତ୍ତରଦାୟିତ୍ୱ ।

ନେତାଜୀ ତାପସ କୁମାର ସାହୁ

ସଂଘର୍ଷ, ସାଧନା ଓ ସିଦ୍ଧିର ଜ୍ୱଳନ୍ତ ଉଦାହରଣ ସୁଭାଷ ଚନ୍ଦ୍ର ବୋଷ

ସ୍ୱାମୀ ବିବେକାନନ୍ଦ କହିଥିଲେ - ସଂଘର୍ଷ ଯେତେ ଲମ୍ବା ହେବ, ସଫଳତା ସେତେ ଆକର୍ଷଣୀୟ ହେବ ଯାହାର ପ୍ରତୀକ ହେଉଛନ୍ତି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ମାତୃକାର ସେବାରେ ନିଜକୁ ଉତ୍ସର୍ଗ କରି ପ୍ରାତଃ ସ୍ମରଣୀୟ ହୋଇଥିବା ଓଡ଼ିଆ ବରପୁତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ୨୩ ଜାନୁଆରୀ ୧୮୯୭ ରେ କଟକ ସ୍ଥିତ ଓଡ଼ିଆ ବଜାରଠାରେ ପିତା ଜାନକୀନାଥ ବୋଷ ତଥା ମାତା ପ୍ରଭାବତୀ ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ହୋଇଥିଲେ ସୁଭାଷ । ପିତା ହାଇକୋର୍ଟ ରେ ଓକିଲ ଥିବା ବେଳେ ମାଆ ଥିଲେ ଆଧ୍ୟତ୍ମିକବାଦୀ। ଶ୍ରୀମଦ୍ ଭଗବତଗୀତା ଓ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ତାଙ୍କୁ ବେଶ ଆକୃଷ୍ଟ କରିଥିଲା । ଜଣେ ଅତ୍ୟନ୍ତ ମେଧାବୀ ଛାତ୍ର ଥିବା ସୁଭାଷ, ବ୍ରିଟିଶ ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ଆଇସିଏସ୍ ପରୀକ୍ଷାରେ ସମଗ୍ର ଦେଶରେ ଚତୁର୍ଥ ତଥା ଓଡିଶାରେ ପ୍ରଥମ ସ୍ଥାନରେ ରହି ରେକର୍ଡ଼ ସୃଷ୍ଟି କରିଥିଲେ । କିନ୍ତୁ ପରାଧୀନତାର ଶୃଙ୍ଖଳରେ ବନ୍ଦୀ ହୋଇଥିବା ଭାରତମାତା ତଥା ଦେଶ ବାସୀଙ୍କ ଦୁର୍ଦ୍ଦିନ ତାଙ୍କ ମନ ରେ ଗଭୀର ରେଖାପାତ କରିଥିଲା । ଯେଉଁଥି ପାଇଁ ସେ ତୁଳୀତଙ୍କ ଶେଜ ସଦୃଶ ପ୍ରଶାସନିକ ବିଭାଗ ଚାକିରୀ ତ୍ୟାଗକରି ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ।

ବ୍ରିଟିଶ ଶାସନ ବିରୋଧରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହେଇଥିବା ଅସହଯୋଗ ଆନ୍ଦୋଳନରେ ନିଜକୁ ସାମିଲ କରିବା ସହ ପରବର୍ତ୍ତୀ ସମୟରେ ତାଙ୍କ ରାଜନୈତିକ ଗୁରୁ ଚିତ୍ତ ରଞ୍ଜନ ଦାସଙ୍କ ପ୍ରେରଣା ତାଙ୍କୁ ଅନେକ କିଛି ସଫଳତା ଦେଇଥିଲା, ଯାହାକି ତତ୍କାଳୀନ ସମୟରେ ତାଙ୍କୁ ଯୁବ ସମାଜ ମଧ୍ୟରେ ବେଶ ଲୋକପ୍ରିୟ କରିଥିଲା । ସମ୍ବାଦପତ୍ର ଦ୍ୱାରା ଜନ ଜାଗରଣ ସୃଷ୍ଟି ପାଇଁ ସେ 'ସ୍ୱରାଜ' ନାମକ ଏକ ଖବର କାଗଜ ପ୍ରକାଶ କରିବା ସହିତ ପରବର୍ତ୍ତୀ ସମୟରେ 'ଫରୱାର୍ଡ' ଖବରକାଗଜର ସମ୍ପାଦକ ରୂପେ କାର୍ଯ୍ୟ କରିଥିଲେ । ତେବେ ୧୯୨୭ ମସିହାରେ ରେ ଜେଲରୁ ମୁକୁଳିବା ପରେ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ରୂପେ ପଣ୍ଡିତ ଜୱାହର ଲାଲ ନେହେରୁଙ୍କ ସହ କାର୍ଯ୍ୟ କରିଥିଲେ ।

ନିଜର ଦକ୍ଷତା ତଥା ନେତୃତ୍ୱ ନେବାର କଳା ଯୋଗୁଁ ସୁଭାଷ ଦୁଇଥର ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ସହ ଦେଶର ପ୍ରଥମ ଯୋଜନା ବୋର୍ଡ ଗଠନ କରିଥିଲେ, ଯାହାକି ଦେଶରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ଦିଷ୍ଟ ଥିଲା । ତେବେ ଏହା 'କୁଟି ଖାଅ କାଟି ପିନ୍ଧ'ର ନାରା ଦେଇ କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରୁଥିବା ମହାତ୍ମା ଗାନ୍ଧୀଙ୍କ ବିଚାରଧାରାର ପରିପନ୍ଥୀ ଥିଲା । କେବଳ ସେତିକି ନୁହେଁ ଗାନ୍ଧିଜୀଙ୍କ ପଟ୍ଟ ଶିଷ୍ୟ ପଟ୍ଟାଭି ସୀତା ରମେୟାଙ୍କୁ ମଧ୍ୟ କଂଗ୍ରେସ ସଭାପତି ରୂପେ ପରାସ୍ତ କରି କଂଗ୍ରେସ ଦଳ ମଧ୍ୟରେ ଲୋକପ୍ରିୟ ହୋଇପାରିଥିଲେ ସୁଭାଷ। କିନ୍ତୁ ସୀତା ରମେୟାଙ୍କ ପରାଜୟକୁ ବ୍ୟକ୍ତିଗତ ପରାଜୟ ରୂପେ ଗାନ୍ଧୀ ସ୍ୱୀକାର କରି କହିଥିଲା ବେଳେ ତାଙ୍କୁ ସମ୍ମାନ ଜଣାଇ ସଭାପତି ପଦ ତ୍ୟାଗ କରିବା ସହ କଂଗ୍ରେସରୁ ଇସ୍ତଫା ଦେଇ ବାଟ ଛାଡି ଦେଇଥିଲେ ସୁଭାଷ । ତେବେ ଗାନ୍ଧିଜୀ ଓ ସୁଭାଷଙ୍କ ବିଚାରଧାରା ଅଲଗା ହୋଇଥିଲେ ସୁଦ୍ଧା ଉଭୟ ଉଭୟଙ୍କୁ ବେଶ ସମ୍ମାନ ଦେଉଥିଲେ ।

'ଯେଉଁଠାରେ କେହି ତୁମ ଡାକରାରେ ଆସିବ ନାହିଁ, ତେବେ ଏକା ହିଁ ଚାଲ ।' ଗୁରୁ ଦେବ ରବୀନ୍ଦ୍ରନାଥ ଠାକୁରଙ୍କ ଏହି କବିତାଟି ସୁଭାଷଙ୍କ ମନରେ ନୂତନ ରାସ୍ତା



ଦେଖାଇ ଥିଲା ଏବଂ ପୂର୍ଣ୍ଣ ସ୍ୱାଧୀନତା ତଥା ସମାଜରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ସମାନତା ଓ ନ୍ୟାୟ ପ୍ରଦାନର ଉଦ୍ଦେଶ୍ୟ ନେଇ ୧୯୩୯ ମସିହାରେ ସେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ ।

ବ୍ରିଟିଶ ସରକାରଙ୍କ ବିରୋଧରେ ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ୧୯୨୧ ରୁ ୧୯୪୧ ମସିହା ମଧ୍ୟରେ ସୁଭାଷ ୧୧ ଥର ବନ୍ଦୀ ହୋଇଥିଲେ। ତେବେ କୋଲକାତାଠାରେ ଗୃହ ବନ୍ଦୀ ଥିବା ସମୟରେ ତାଙ୍କ ସହଯୋଗୀ ଆକବର ଶେଖଙ୍କ ସହାୟତା ନେଇ ଆଫଗାନିସ୍ଥାନର କାବୁଲ ମାର୍ଗ ଦେଇ ଜର୍ମାନୀରେ ପହଁଞ୍ଚିଥିଲେ । ତେବେ ନାଜି ଶାସକ ହିଟଲରଙ୍କୁ ଭେଟିବା ଏତେ ସହଜ ନଥିଲା । କାରଣ ସେ ସବୁ ବେଳେ ତାଙ୍କ ଅବିକଳ ନକଲକୁ ହିଁ ହିଟଲର ରୂପେ ଉପସ୍ଥାପନ କରୁଥିଲେ, ଯାହାକି ସୁଭାଷ ଚନ୍ଦ୍ର ବୋଷ ଖୁବ୍ ଭଲ ଭାବେ ଜାଣିଥିଲେ। ତେଣୁ ପ୍ରଥମେ ଯେତେବେଳେ ସେ ନକଲି ହିଟଲରଙ୍କୁ ଭେଟି ଥିଲେ ଓ ସେ କହିଥିଲେ ମୁଁ ହିଟଲର, ସୁଭାଷ କହିଥିଲେ ଅସଲି ହିଟଲରଙ୍କୁ ଡାକ, ତୁମେ ନକଲି । ଏହି କଥା ଅସଲି ହିଟଲରଙ୍କୁ ବେଶ ପ୍ରଭାବିତ କରିବା ସହ ସୁଭାଷଙ୍କ ଦେଶ ପ୍ରେମ ତାଙ୍କ ସହିତ ବନ୍ଧୁତା ସ୍ଥାପନ ପାଇଁ ମାର୍ଗ ପ୍ରଶସ୍ତ କରିଥିଲା । ଗୋଟେ ପଟେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ ବ୍ରିଟିଶ ସରକାର ଅନେକ ସ୍ଥାନରେ ଛତ୍ରଭଙ୍ଗ ଦେଉଥିବା ବେଳେ ଭାରତରେ ମଧ୍ୟ ଆକ୍ରୋଶର ଶିକାର ହେଉଥିଲା । ତେଣୁ ଉଭୟ ଦେଶ ବାହାରୁ ଓ ଭିତରୁ ଆକ୍ରମଣ କରି ବ୍ରିଟିଶ ସରକାରଙ୍କୁ ଦେଶରୁ ତଡି ଦେବା ଲକ୍ଷ୍ୟ ନେଇ ଜାପାନ ରେ ରହୁଥିବା ରାସ ବିହାରୀ ବୋଷଙ୍କ ସହାୟତାରେ 'ଆଜାଦ ହିନ୍ଦ ଫୌଜ' ର ଗଠନ କରିବା ସହ' ମତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ତଥା 'ଦିଲ୍ଲୀ ଚଲୋ'ର ନାରା ଦେଇଥିଲେ । ଏହି ସେନାବାହିନୀରେ ମୁଖ୍ୟତଃ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ରିଟିଶ ସରକାର ପକ୍ଷରୁ ଭାରତୀୟ ଭାବେ ଜାପାନ ବିରୋଧରେ ଲଢ଼ି ବର୍ମା ଓ ମାଲେସିଆଠାରେ ବନ୍ଦୀ ଥିବା ଭାରତୀୟ ମାନେ ସାମିଲ ହୋଇଥିଲେ । ଖାଲି ସେତିକି ନୁହେଁ ମହିଳା ମାନଙ୍କ ପାଇଁ କ୍ୟାପଟେନ୍ ଲକ୍ଷ୍ମୀ ସ୍ୱାମୀନାଥନଙ୍କ ନେତୃତ୍ୱରେ 'ରାଣୀ ଝାନସୀ ରେଜିମେଣ୍ଟ' ଗଠନ କରାଯାଇଥିଲା, ଯାହାକି ସୁଭାଷଙ୍କର ମହିଳା ସଶକ୍ତିକରଣ ପାଇଁ ଥିବା ଉଚ୍ଚ ଅଭିଳାଷ ସ୍ପଷ୍ଟହୁଏ । ୪୫,୦୦୦ରୁ ଉର୍ଦ୍ଧ୍ୱ ସୈନିକଙ୍କୁ ନେଇ ଗଢି ଉଠିଥିବା ଏହି ଆଜାଦ ହିନ୍ଦ ଫୌଜ ପ୍ରଥମ ଥର ପାଇଁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଉପରେ ଆକ୍ରମଣ କରି ବ୍ରିଟିଶ ସରକାରଙ୍କୁ ପରାସ୍ତ କରିଥିଲେ । ୩୦ ଡିସେମ୍ବର, ୧୯୪୩ ମସିହାରେ ସୁଭାଷ ଚନ୍ଦ୍ର ବୋଷ ପୋର୍ଟବ୍ଲେୟର ସ୍ଥିତ ଜିମ୍ ଖାନା ପଡିଆ ଠାରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ସହ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜକୁ ବ୍ରିଟିଶ ଶାସନ ମୁକ୍ତ ହେଲା ବୋଲି ଘୋଷଣା କରି ଆଣ୍ଡାମାନକୁ 'ସହିଦ' ଓ ନିକୋବରକୁ 'ସ୍ୱରାଜ' ନାମରେ ନାମିତ କରିଥିଲେ। ଏଥି ସହିତ ସିଙ୍ଗାପୁରଠାରେ ପ୍ରଥମ ଭାରତ ସରକାର ସ୍ଥାପନ କରିବା ସହ ସୁଭାଷ ନିଜ ପାଖରେ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ବ୍ୟାପାର ବିଭାଗ ରଖିଥିଲେ ।

୧୯୪୪ ମସିହାରେ ସିଙ୍ଗାପୁର ଠାରେ ଥିବା 'ଆଜାଦ ହିନ୍ଦ ରେଡିଓ' ରେ ସୁଭାଷ, ମହାତ୍ମା ଗାନ୍ଧୀ ଙ୍କୁ ପ୍ରଥମ ଥର ପାଇଁ 'ଜାତିର ପିତା' ବୋଲି ଆଖ୍ୟା ଦେଇଥିଲେ ।

ସୁଭାଷ ଚନ୍ଦ୍ର ବୋଷ ଏକମାତ୍ର ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଭାବେ ବିଭିନ୍ନ ବିଦେଶୀ ରାଷ୍ଟ୍ର ଯେପରି ଜର୍ମାନ, ଜାପାନ, ଚୀନ, ଇଟାଲି, କୋରିଆ, ଆୟର୍ଲାଣ୍ଡ ଓ ଫିଲିପାଇନସ ପରି ଦେଶ ଗସ୍ତ କରି ଭାରତର ସ୍ୱାଧୀନତା ପାଇଁ ଯୁକ୍ତି ଉପସ୍ଥାପନ କରିଥିଲେ । ଜଣେ ଓଡ଼ିଆ ଭାବେ ସୁଭାଷଙ୍କ ସାହସ ଓ ପରାକ୍ରମ ତାଙ୍କୁ ବିଶ୍ୱ ନେତା ରୂପେ ପ୍ରତିପାଦିତ କରିବା ସହ 'ଆଜାଦ ହିନ୍ଦ ଫୌଜ'ର ସେନାବାହିନୀ ଦ୍ୱାରା ପ୍ରଦତ୍ତ 'ନେତାଜୀ 'ନାମକୁ ସାର୍ଥକତା ପ୍ରଦାନ କରିଛି ।

ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର ତଥା ଛାତ୍ର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ଓଡିଶା
ମୋ: ୮୨୬୦୩୫୬୧୧୩

ସୁବ୍ରତ କର

ଦେଶର ଆର୍ଥିକ ଅସମାନତା କେବେ ହଟିବ ?

ଦେଶରେ ୧ରୁ ଲୋକଙ୍କ ପାଖରେ ୪୦ରୁ ସମ୍ପତ୍ତି ଏବଂ ୯୯ରୁ ଲୋକଙ୍କ ପାଖରେ ୬୦ରୁ ସମ୍ପତ୍ତି । ଏହା ଅସମାନତା ନୁହଁ କି ? ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଏ ଦେଶରେ ଅବସ୍ଥା ଏମିତି । ୨୧ଜଣ ଧନୀଙ୍କ ପାଖରେ ୮୦ କୋଟି ଲୋକଙ୍କ ସମ୍ପତିଠୁ ଅଧିକ ଧନ । ଧନୀଙ୍କ ଧନ ବଢୁଛି ଗରିବଙ୍କୁ ସରକାର ଟଙ୍କିକିଆ ଚାଉଳ, ରହିବା ପାଇଁ ପକ୍କା ଘର ଏବଂ ବିଭିନ୍ନ ଯୋଜନା ମାଧ୍ୟମରେ ସାହାଯ୍ୟର ହାତ ବଢ଼ାଇ ରଖିଛନ୍ତି ଏବଂ କୌଣସି ଭାବରେ ବଂଚାଇ ରଖିଛନ୍ତି । କିନ୍ତୁ ପ୍ରଶ୍ନ ଉଠୁଛି ଏମିତି କେତେଦିନ ଚାଲିବ ? ଧନୀ ଲୋକ ଧନୀ ହେଉଥିବେ ଆଉ ଗରିବ ଲୋକଙ୍କୁ ସରକାର ଦୟା ବା ଭୋଟ ଆଶାରେ ସାହାଯ୍ୟ କରି ଚାଲିଥିବେ ? ଆହୁରି ଜାଣି ଆଶ୍ଚର୍ଯ୍ୟ ହେବେ ୨୦୨୨-୨୨ରେ ସଂଗ୍ରହ ହୋଇଥିଲା ୧୪.୧୩ ଲକ୍ଷ କୋଟି ଟଙ୍କାରୁ ଜିଏସଟିରୁ ୬୪ ପ୍ରତିଶତ ରାଶି ଅପେକ୍ଷାକୃତ ଗରିବ ୫୦ ପ୍ରତିଶତ ଲୋକଙ୍କଠାରୁ ସଂଗ୍ରହ କରାଯାଇ କରାଯାଇଛି । ୨୦୧୮ ସୁଦ୍ଧା ଦେଶରେ ପ୍ରାୟ କ୍ଷୁଧାର୍ତ୍ତ ଲୋକଙ୍କ ସଂଖ୍ୟା ୧୯ କୋଟି ଥିଲା । ଏହାମାନେ ସମୁଦାୟ ଦେଶର ଜନସଂଖ୍ୟା ୧୪୨ କୋଟି (ଏବେ ଏବେ ଚୀନ୍‌କୁ ଟପି ୧ ନମ

ଦର୍ପଣ

ଅନୁରାଧା ମିଶ୍ର

'ଏବେ ମେଳା ଆଉ ବଣ ଭୋଜିର ଋତୁ ଚାଲିଛି, ତୁମେ କୁଆଡ଼େ ଯିବନି କି ଶୁଭ୍ରା ?' ପଚାରିଲେ ରୋଜି ଅପା । -

- ନା ଅପା ତୁମେ ଯାଅ ଇଚ୍ଛା ନାହିଁ ମୋର ।

-ଇଚ୍ଛା ନାହିଁ କାହିଁକି ? କ'ଣ ଆଶିଷ ସାଙ୍ଗରେ ଯାଉ ନାହାଁନ୍ତି ବୋଲି .....

-ନା ନା ଅପା, ସତରେ ମନ ନାହିଁ । ତମେ ତ ଜାଣିଛ ଏ ଥଣ୍ଡା ଦିନ ମୋ ପାଇଁ କେତେ କଷ୍ଟ ଦାୟକ କୁଆଡ଼େ ଦିନେ ପଦାକୁ ବାହାରିଲେ ଗୋଟେ ସପ୍ତାହ କଷ୍ଟ ଭୋଗିବାକୁ ପଡ଼େ ମୋତେ । ତା ଛଡ଼ା ଆମେ ଦି ଜଣ ବାହାରି ଗଲେ ଘରଟା ପୁରା ଫାଙ୍କା ହୋଇ ଯିବନି ।

ଏମିତି କହି ରୋଜି ଅପାଙ୍କୁ ବୁଝାଇ ଦେଲା ସିନା ଶୁଭ୍ରା ,ଏତେ ବଡ଼ ଘରଟା ଖାଁ ଖାଁ ଲାଗୁଥାଏ ତାକୁ ରୋଜି ଅପା ଆଉ ବଡ଼ ଭାଇ ଘରୁ ବାହାରି ଯିବାପରେ । ପିଲାମାନେ ଯେଝା ରୁମ୍‌ରେ ମୋବାଇଲ ଆଉ ଲ୍ୟାପଟପ୍‌ରେ ନିଜ ନିଜ କାମରେ ବ୍ୟସ୍ତ । ସମସ୍ତେ କାମଧନ୍ଦାର ଧାଁ ଦଉଡ଼ରେ ଥିଲେ ବି ବିରକ୍ତ ଲାଗେ ନିଜ ପାଇଁ ସମୟ ଟିକେ କାଢ଼ି ହୁଏନା ବୋଲି । ମାସେ ହେଲା ଶୁଭ୍ରା ଭାବି ହେଉଥିଲା ନିଜର ଟିକେ ଯତ୍ନ ନେବାକୁ ଆଜି ଟିକେ ସମୟ ମିଳିଛି ତାକୁ ଅତିବେଶୀରେ ଦେଢ଼ ଘଣ୍ଟା ଲାଗିବ ଫେସ୍ ପ୍ୟାକ୍, ଅଏଲ୍ ମସାଜ, ଚୁଟି ସାମ୍ପୁ ଆଉ ହାତ ପାଦର ଯତ୍ନ । ଯେତେ ସମୟ ଲାଗୁ ବରଂ ଆଜି ଏତିକି ସାରିଲା ପରେ ଅନ୍ୟ ଯାହା କିଛି । ତରବରରେ ପିଲାଙ୍କୁ ଜଳଖିଆ ଟିକେ କରି ଧରାଇ ଦେଲା ପ୍ଲେଟ୍‌ରେ । ଅଗାଧୁଆ ଖାଇ ପାରେନି ସେ ଏଣେ ଟାଇମ୍‌ରେ ନଖାଇଲେ ଏସିଡିଟି ବି ହେଉଛି ତେଣୁ ନିଜେ କିଛି ଡ୍ରାଏ ଫ୍ରୁଟ୍ସ ଆଉ ଦିଟା ବିସ୍କୁଟ ବି ଖାଇନେଲା । ଅଗଣାରେ ବିଛେଇ ହୋଇଥିଲା କଅଁଳ ଖରା । ସଉପ ଖଣ୍ଡିଏ ପକାଇ ଛୋଟ ଦର୍ପଣଟିଏ ଧରି ବସି ପଡ଼ିଲା ଶୁଭ୍ରା । ଏତେ ଦିନ, ଦିନ କାହିଁକି ବହୁତ୍ ବର୍ଷ ପରେ ଯେମିତି ଆଜି ଶୁଭ୍ରାକୁ ମିଳିଛି ଦିନଟିଏ ନିଜକୁ ଦେଖିବା ପାଇଁ । ଶୁଭ୍ରା ଚାହିଁଲା ଦର୍ପଣକୁ, ଇଏ କଣ.....! ତା' ନିଜକୁ ଅଚିହ୍ନା ଲାଗୁଥିଲା ତା ମୁହଁ । ସୂର୍ଯ୍ୟ କିରଣରେ ସେ ଆଜି ସ୍ପଷ୍ଟ ଦେଖି ପାରୁଥିଲା ତା' ମଥାର ଘନକଳା କେଶରାଶି ଭିତରୁ ଚିକ୍ ଚିକ୍ କରୁଥିବା କିଛି ଧଳା କେଶ, ଆଖି ତଳର ଏକ ଛାଇ ଭଳି ହାଲୁକା କଳା ଦାଗ ଭୁଲତା ତଳର ପତା କେମିତି ଟିକେ ଝୁଲି ପଡ଼ିଛି ଆଖିକୁ ଢାଙ୍କିଲା ପରି । ହେଲେ ଆଖି ଯେମିତିକୁ ସେମିତି ରହିଛି ଉଜ୍ୱଳ ହୋଇ । ନିଜ ଆଖିକୁ ଦେଖୁ ଦେଖୁ ଶୁଭ୍ରା ହଜିଗଲା ନିଜ ଅତୀତକୁ... ବହୁତ୍ ପଛକୁ....

ମଧ୍ୟମ ସ୍ୱାସ୍ଥ୍ୟ ଗହମ ରଙ୍ଗ, ବାହାରକୁ ଖୁବ୍ ବେଶୀ ଶାନ୍ତ ଶୀତଳ ଜଣା ପଡୁଥିବା ଝିଅଟେ ଶୁଭ୍ରା, ଶୁଭ୍ରା ଶତପଥୀ । ଛୋଟ ବେଳଟା ଝାପ୍ସା ଦିଶେ । ହାଇସ୍କୁଲରେ ପଢ଼ିବା ବେଳକୁ ନିହାତି ସାଧା ସିଧା ଆଗ ଅପେକ୍ଷା ବେଶୀ ପତଳାଡେଙ୍ଗା । ସେତେବେଳେ ହାଇସ୍କୁଲ ମାନେ ଗୋଟିଏ ଶ୍ରେଣୀରେ ପୁଅ ଝିଅ ଅଲଗା ଅଲଗା ବସିବାର ବ୍ୟବସ୍ଥା । ଆଗଧାଡ଼ିରେ ବସିଲେ ଡର ଲାଗେ ତାକୁ । ଗଣିତ ସାର, ଡ୍ରଇଂ ସାର୍ ଆଉ ପୁଅମାନଙ୍କ ଆଗ ଧାଡ଼ିରେ ବସୁଥିବା ସେଇ ବଡ଼ ବଡ଼ ଆଖି ଥିବା ପିଲାଟା ସନ୍ଦୀପ୍ ଯେତେ ବେଳେ ମୁହଁ ବୁଲାଇ ଦେବ ଖାଇଗଲା ଭଳି ଚାହିଁଥିବ ଶୁଭ୍ରାକୁ । ଡିମ୍ବା ଆଖିଆ ମାଙ୍କଡ଼ ଆହୁରି କେତେ କଣ କହି ସନ୍ଦୀପ୍‌କୁ ଗାଳିଦିଏ ମନେ ମନେ ଶୁଭ୍ରା ।

କେତେ ସୁନ୍ଦର ଥିଲା ସେ ଦିନ ସବୁ ସ୍କୁଲ ପିଲାଙ୍କ ସହ ବଣ ଭୋଜି, ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବାର ଅଫୁରନ୍ତ ଖୁସି, ପରୀକ୍ଷା ପୂର୍ବର ଭୟ, ଛୁଟି ସମୟରେ ଏକ୍‌ଷ୍ଟ୍ରା କ୍ଲାସ ନେବାର ମଜା, ସାଙ୍ଗ ମାନଙ୍କ ସହିତ କଳି ଝଗଡ଼ା ପୁଣି ମିଳାମିଶା...ଏସବୁ ଶୁଭ୍ରାକୁ ଭାବୁକୀ କରେ । ସେ ଅଳ୍ପ ଅଳ୍ପ ଲେଖିବାକୁ ଆରମ୍ଭ କରେ ଅନାବନା ପରି । ସାଙ୍ଗମାନଙ୍କ ଭିତରୁ କେହି କେହି ତାକୁ ପଢ଼ନ୍ତି, କେହି ମଜାରେ ତାକୁ କବି କହନ୍ତି, କେହି ତା ଲେଖାର ଅର୍ଥ ସବୁ ପଚାରନ୍ତି । ମନେ ଅଛି ତା'ର ଥରେ ଯୋଗକୁ ସାହିତ୍ୟ ଦିଦି ସ୍କୁଲରେ କବିତା ପ୍ରତିଯୋଗିତାଟିଏ ହେବାର ସୂଚନା ଦେଲେ । ଶୁଭ୍ରାର ସାଙ୍ଗ ବିନୀତା ପଚରା ନାହିଁ ଉଚୁରା ନାହିଁ ଦିଦିଙ୍କୁ ଶୁଭ୍ରାର ନାଁ ଟି ଦେଇଦେଲା । ଦିଦି ଶୁଭ୍ରାକୁ କିଛି ସମୟ ଚାହିଁଲେ । ବିନୀତା ସହ ଆଉ କିଛି ଝିଅ ବି ମିଶି କହିଲେ ହଁ ଦିଦି ଶୁଭ୍ରା ବଢ଼ିଆ ଲେଖୁଛି, ଆମେ ସବୁ ତା ଲେଖା ପଢୁଛୁ ।

ଦିଦି କହିଲେ, ଆଚ୍ଛା କଣ ଲେଖିଛୁ ଶୁଭ୍ରା ଆଣିଲୁ ଦେଖିବା ।

ଶୁଭ୍ରା ଲାଜ ଆଉ ଭୟରେ ଗୋଟାପଣେ ଥରୁଥାଏ କଣ ଯେ ହେବ ଏବେ ! ଶୁଭ୍ରା କିଛି କହିବା ପୂର୍ବରୁ ବିନୀତା ତା' ରଫ୍ ଖାତାର ଶେଷ ଫର୍ଦ୍ଦରେ ଲେଖା ଥିବା ପୃଷ୍ଠାଟିକୁ ନେଇ ଦିଦିଙ୍କ ପାଖରେ ହାଜର ଶୁଭ୍ରାର ମନାକୁ ବେଖାତିର୍ କରି । କ'ଣ ଲେଖିଥିଲା ଭଲ ବା ମନ୍ଦ ଭୁଲ୍ ବା ଠିକ୍ କିଛି ଜଣା ନଥିଲା ଶୁଭ୍ରାକୁ । ଖାଲି ପ୍ରଥମ ଧାଡି କେତୋଟି ମନେ ରହିଯାଇଛି ଆଜି ଯାଏ ....

ଜୀବନ ଏକ ସଙ୍ଗୀତ ଯାହାକୁ ଗାଇ ହୁଏ ପଞ୍ଚମ ସ୍ୱରରେ କେବେ କେବେ ରୁଦ୍ଧ କଣ୍ଠରେ ବି ଏମିତି କିଛି । ଶୁଭ୍ରା ଏତେ ଡରି ଯାଇଥାଏ ଯେ ଦିଦିଙ୍କ ଆଡ଼କୁ ଚାହୁଁ ନଥାଏ । ଦିଦି ସେ ଲେଖାଟି ପଢ଼ି ସବୁ ପିଲାଙ୍କୁ ଶୁଣାଇଲେ । ଆଉ ସେଇ ଦିନ ଠୁ ପାଠରେ ବେଶୀ ଆଗୁଆ ନଥିବା ଶୁଭ୍ରା ବି ସମସ୍ତଙ୍କୁ ପାଖରେ ଟିକେ ସ୍ୱତନ୍ତ୍ର ହୋଇଗଲା । ସେଥର କବିତା ପ୍ରତିଯୋଗିତାରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ତା' ପରଦିନ ସନ୍ଦୀପ୍ ତା ପକେଟ୍ ମନିରେ ଚକୋଲେଟ କିଣି ସବୁ ପିଲାଙ୍କୁ ବାଣ୍ଟିବା ବେଳେ ବଦମାସ୍ ବିଜୟ କୋଉ ଖୁସିରେ ଚକୋଲେଟ ଦେଉଛୁ ବୋଲି ଛିଗୁଲେଇଲା ତାକୁ । ସନ୍ଦୀପ୍ କହଲା ଶୁଭ୍ରା କବିତା ଲିଖନରେ ଦ୍ୱିତୀୟ ହୋଇଛି ବୋଲି ।

- ଆଚ୍ଛା ଶୁଭ୍ରା ତୋର କିଏ କି ? ସନ୍ଦୀପ୍‌ର ରାଗ ଦେଖିବା ଭଳି ଥିଲା ଆଙ୍ଗୁଠି ଦେଖାଇ କହିଲା- ଶୁଭ୍ରା କିଏ ଜାଣିନୁ ? ସେ ଆମ ଶ୍ରେଣୀର ଗୌରବ, ସେ ଆମ ଶ୍ରେଣୀର ଭଲ ଝିଅଟେ । ସେ ଆମ ସମସ୍ତଙ୍କର ଭଲ ସାଙ୍ଗଟେ, ଆଉ ମୋର ଭଉଣୀଟେ । ସମସ୍ତେ ଚୁପ୍ ହୋଇ ଚାହିଥିଲେ ତା' ମୁହଁକୁ । ଶୁଭ୍ରା ତଟସ୍ଥ ହୋଇ ଚାହିଁ ଥିଲା ସନ୍ଦୀପ୍‌କୁ କେତେ ଭୁଲ୍ ଧାରଣା ଥିଲା ତାର ସନ୍ଦୀପ୍‌କୁ ନେଇ ! ସେ ଯଦି ଆଜି କିଛି ଲେଖୁଥାଏ ଲେଖାକୁ ନେଇ ପରିଚୟ ପାଇ ଥାଏ ତା ପଛରେ ତ ଏଇ ସନ୍ଦୀପ୍ ଆଉ ବିନୀତା ମାନଙ୍କ ଭଳି ସାଙ୍ଗ ମାନଙ୍କର ଭୂମିକା ବେଶି । ଏମାନଙ୍କୁ ସେ ଜୀବନରେ କେମିତି ବା ଭୂଲି ପାରନ୍ତା ଯେ ?

ଶୁଭ୍ରାର ଭାବନାରେ ଭଙ୍ଗା ପଡ଼ିଲା ଶୋଇବା ଘରୁ ବାଜି ଉଠିଲା ମୋବାଇଲ । ହାତରୁ ତା'ର ଅଜାଣତରେ ଖସି ପଡ଼ିଲା ଦର୍ପଣଟା । କଲ୍ ରିସିଭ୍ କରିବାକୁ ଶୁଭ୍ରା ଧାଇଁଲା ନିଜ ରୁମ୍‌କୁ । ଆଶିଷଙ୍କର ଫାଇଭ ମିସ୍ଡ କଲ୍ । ଶୁଭ୍ରାକୁ ଶୁଭି ନାହିଁ । ସେ କଲ୍ ବ୍ୟାକ୍ କଲା କ'ଣ ହେଲା କୋଉ ଦିଗରେ ସୂର୍ଯ୍ୟ ଉଇଁଲେ କି ଆଉ, ଏତେ ଥର କଲ୍ କରିଛ ଯେ । ସେପଟୁ ଆଶିଷ କହିଲେ ହଁ କୁଆଡେ ଯାଇଥିଲ କି ? କୁଆଡେ ଆଉ ଯିବି ଏତକ କହୁ କହୁ ସ୍କ୍ରିନ୍ ଉପରକୁ ଚାହିଁ ଚମକି ପଡ଼ିଲା ୟା ଭିତରେ ଗୋଟାଏ ବାଜି ସାରି ଲାଣି । ରୋଷେଇ ବି ଆରମ୍ଭ କରିନି ଶୁଭ୍ରା । ଆଶିଷ କହୁଥାନ୍ତି ଶୁଣ ଆମେ ଅଫିସ୍ ଷ୍ଟାଫ୍ ସଣ୍ଡେରେ ପିକ୍‌ନିକ୍ ବାହାରିଛୁ ମୋର ଭଲ ଡ୍ରେସ୍ ଆଉ ଜ୍ୟାକେଟ୍ ଆଦି ରେଡି ରଖିଥିବ ।

ଓଃ ଏଇଥି ପାଇଁ କଲ୍ କରି ଥିଲ । କିଛି ନକହି ଶୁଭ୍ରା କାଟିଦେଲା ଫୋନ୍ । ସେ ହୁଏତ ଅଭିମାନ/ରେ କହିଥାଆନ୍ତା ଯେ ବେଶ୍ ତ ବୁଲୁଛ ଅଫିସ୍ ଷ୍ଟାଫ୍‌ଙ୍କ ସହ ଆଉ ସ୍ତ୍ରୀ ପିଲାଙ୍କ ପାଇଁ ସମୟ ନାହିଁ କିନ୍ତୁ ସେ କିଛି କହିଲା ନାହିଁ । ଘଣ୍ଟାଏ ଭିତରେ ତାକୁ ରୋଷେଇ ସାରିବାକୁ ହେବ । ଅଏଲ୍ ମେସେଜ୍ , ଫେସ୍ବ୍ୟାକ୍, ଚୁଟି ଶାମ୍ପୁ କରିବା ବି ସମ୍ଭବ ହେଲା ନି ଆଜି । ତରବରରେ ଗାଧୁଆ କାମଟା ସାରି ଠାକୁରଙ୍କୁ ମୁଣ୍ଡିଆଟେ ମାରି ଶୁଭ୍ରା ପଶିଲା ରୋଷେଇ ଘରକୁ । ମନେ ପଡ଼ିଲା ଦର୍ପଣଟା ପଡ଼ି ରହିଛି ଅଗଣାରେ । ସେତେବେଳକୁ ଆଉ ଖରା ବି ନଥାଏ ଅଗଣାରେ । ଦର୍ପଣଟି ହାତରୁ ଖସି ପଡ଼ିବାବେଳେ କେମିତି ଫାଟି ଯାଇଛି । ଶୁଭ୍ରା ଆଉଥରେ ଦେଖିଲା ଦର୍ପଣକୁ ଗାଧୋଇ ଆସିବା ପରେ ବି ତା ମୁହଁଟା ତାଜା ଦିଶୁ ନଥିଲା ତାକୁ । ମୁହୂର୍ତ୍ତଟେ ଚାହିଁଲା ଦର୍ପଣକୁ, ଏଇ ଟିକକ ଆଗରୁ ଶୁଭ୍ରା ଫେରିଥିଲା ସ୍ମୃତିର ମେଳାରୁ କିଛି କାମ ନଥାଇ ବି ଭାରି କ୍ଲାନ୍ତ ଲାଗୁଥିଲା ତାକୁ । ଦର୍ପଣର ଆଗପଟେ ସେ ଜୀବନ୍ତ କିନ୍ତୁ ଅବ୍ୟକ୍ତ ଦର୍ପଣର ପଛପଟ ପରି ଏ ସଂସାରଟା ତା' ପାଇଁ କିଛି ଦିଶୁନଥିବା ଗୋଟିଏ ମିଛ ଖୋଳପା ଯେପରି । ଗ୍ୟାସ୍‌ର ଗୋଟିଏ ଚୁଲାରେ ପ୍ରେସରକୁକରରେ ବସାଇଦେଲା ଭେଜିଟେବଲ୍ ରାଇସ୍ ଅନ୍ୟ ପଟେ ତରକାରୀ । ମନେ ମନେ ଗାଳି ଦେଉଥିଲା ନିଜକୁ ଓ ଏ ଭାବନାରେ ହଜିବା ପ୍ରବୃତ୍ତିକୁ ତା'ର !ସେ ନିଜକୁ ବୁଝାଇ ପାରେନା ଅନ୍ୟକୁ, କି ଇଚ୍ଛା କରି ହଜି ଯାଇ ପାରେନା ଭିଡ଼ ଭିତରେ ଘଡ଼ିଏ । ତା ଜୀବନର ଏଇ ମନ୍ଥର ଗତିକୁ କିଏ ତ୍ୱରାନ୍ୱିତ କରି ପାରିବ ସତରେ ? ଗ୍ୟାସ୍ ଚୁଲାର ଫ୍ଲେମ୍‌କୁ ସିମ୍ କରିଦେଇ ସେ ପୁଣି ବସି ପଡ଼ିଥିଲା କାଗଜ କଲମ ଧରି ସ୍ମୃତିର ମେଳାରୁ ସାଉଁଟିଥିବା କିଛି ସୁଖକୁ ଶବ୍ଦରେ ରୂପାୟିତ କରିବା ପାଇଁ । ତା'ର ଏଇ ଛୋଟିଆ ପୃଥିବୀରେ ବେଳେ ବେଳେ ଦର୍ପଣ ଧରି ସେ ପରିକ୍ରମା କରିଆସେ ସାରା ବ୍ରହ୍ମାଣ୍ଡକୁ ସମସ୍ତଙ୍କ ଅଜାଣତରେ ଏମିତି !

ସପନପୁର, ଦେବୀଦ୍ୱାର, ଯାଜପୁର
ମୋ:୭୦୦୮୧୩୩୧୭୪

ସକାଳ ଚାହାର ମହକ

ଦୁଇଟି ଅଣୁଗଳ୍ପ

॥ ଏକ ॥

ରବିବାର । କୋହଲା ପାଗ । ପିଆଲିର ଖୁବ ଜୋର ମୁଣ୍ଡ ବିନ୍ଧି ଦେହଟା ରିସ୍ ରିସିଆ ଲାଗୁଛି । ଆଜି ବିଛଣାରୁ ଉଠିବାକୁ ଜମ୍ମା ଇଚ୍ଛା ହେଉନି । ପ୍ରତିଦିନର ସେଇ ଧରା ବନ୍ଧା କାମ । ରାତି ସାଢ଼େ ଚାରିଟାରୁ ରାତି ସାଢ଼େ ଏଗାରଟା ପୁଣି ସମସ୍ତେ ଉଠିବା ପୂର୍ବରୁ ଉଠିବ ସମସ୍ତେ ଶୋଇଲା ପରେ ଶୋଇବ ! ସମସ୍ତଙ୍କ ମନ କଥା ବୁଝିବ । ହେଲେ ତାର ମନ କଥା.....!? ବେଳେ ବେଳେ ପିଆଲି ଭାବେ, ମୋ ଦେହଟା ଗୋଟେ କାଠିକୁଟା ଲଗା ଧାନ ରଖା ଡୋଲି, ଯାହାର ଅସ୍ଥି କାଠିକୁଟା, ରକ୍ତଟା ପାଣି ଆଉ ମନଟା ଅନାବନା ଘାସ; ଯିଏ ଯେତେବେଳେ ପାରିବ ଦାଆ ଧରି କାଟି ଦେଇପାରିବ !! ସତରେ ସବୁ ପିଆଲି ମାନେ ପିଆଲିର ଚାହା କପ୍ ରେ ଭାରି ଲୋଭ । ସକାଳୁ ସକାଳୁ କପେ ଚାହା ହେଇଗଲେ ବାସ୍ ଗାଡିର ଇଞ୍ଜିନ ଚାଲିଲା ନନ୍ ଷ୍ଟପ୍ .....
ତାର ଇଚ୍ଛା ସକାଳୁ ସକାଳୁ କିଏ ତା ମନ ଜାଣି ଚାହା କପେ ଦିଅନ୍ତା ଭଲା । କପେ ଚାହା ନୁହେଁ ତ ଯେମିତିକି ଔଷଧ । ସକାଳ ଚାହା ତା ପାଇଁ ଶକ୍ତି, ମୁକ୍ତି, ପ୍ରଗତି ! ଦେହରେ ମନରେ ଉର୍ଜା ଭରେ । ହେଲେ ଏତେ ସପନକୁ ରାତି କାଇଁ ? ?

॥ ଦୁଇ ॥

ରାସ୍ତାକୁ ଲାଗି ଛୋଟିଆ ଚା' ଦୋକାନଟିଏ । ରାତି ପାହିଥିବ କି ନାହିଁ ଦୋକାନରେ ପ୍ରବଳ ଭିଡ଼ ! ଶୀତ ଦିନେ ତ ଏହି ଚା 'ଦୋକାନର ଚାହିଦା ଆହୁରି ବଢ଼ି ଯାଇଥାଏ । ବଡ଼ ଚାହା ସସ୍ୱେନରୁ ଏଇ ମୋଟରେ ଚାହାର ବାମ୍ଫ ବାହାରୁଥାଏ ତା ସାଙ୍ଗକୁ ଚାହାର ବାସ୍ନାରେ ଖଣ୍ଡ ମଣ୍ଡଳ କଞ୍ଚୁଥାଏ ! ଖଣ୍ଡେ ଦୂରରୁ ଜଣା ପଡୁଥିଲା ଶିଖଣ୍ଡୀର ଚାହା ଦୋକାନ ଖୋଲିଲାଣି କହି ଚାହା ପ୍ରେମୀ ସବୁ ଜଣେ ଜଣେ ହୋଇ ଚାହା ପିଇବା ଉଦ୍ଦେଶ୍ୟରେ ଗଡ଼ନ୍ତି । ଶିଖଣ୍ଡୀ ଦୋକାନ ଖୋଲିବା ଟିକିଏ ଡେରିହୋଇଗଲେ ସମସ୍ତଙ୍କର ମୁଣ୍ଡ ଖରାପ ହୋଇଯାଏ ! ରାଜା ସବୁଦିନ ମର୍ଣ୍ଣି ୱାକ୍‌ରୁ ଫେରିବା ବେଳକୁ ସବୁଦିନ ଚାହା କପେ ନ ମାରିଲେ ମନ ଶାନ୍ତି ହୁଏନି ତାର । ସେଇ ଦୋକାନକୁ ଲାଗି କିଛି ଦୂରରେ ଅଶୀରୁ ବୟାଅଶୀ ବର୍ଷୀୟ ଜଣେ ବୁଢ଼ା ଛିଣ୍ଡା ଚାଦର ଖଣ୍ଡେ ଘୋଡ଼ିହୋଇ ବସିଥାନ୍ତି ଆଉ ସମସ୍ତଙ୍କ ଅଲକ୍ଷ୍ୟରେ ଶିଖଣ୍ଡୀର ଚାହା ଦୋକାନକୁ, ଚାହାର ବାମ୍ଫକୁ ତାର ମହକୁଥିବା ବାସ୍ନାକୁ ମନଭରି ଆଘ୍ରାଣ କରିବା ଲକ୍ଷ୍ୟ କଲା ରାଜା । କେବଳ ଆଜି ନୁହେଁ ଏଇ ତିନି ଚାରି ଦିନ ହେଲାଣି ଲକ୍ଷ୍ୟ କରୁଥିଲା ସେ । କିନ୍ତୁ କିଛି ପଚାରିବା ପୂର୍ବରୁ ସେ ବୁଢ଼ା ଜଣକ ସେ ଜାଗା ଛାଡି କୁଆଡ଼େ ଚାଲି ଯାଇଥାନ୍ତି ! ଆଜି କିନ୍ତୁ ରାଜା ଚାହା ଗୋଟିଏ କପ ନୁହେଁ ଦୁଇ କପ କିଣି ସେ ବୁଢ଼ା ମଉସାଙ୍କ ପାଖକୁ ନିଜର ଗୋଟାଏ ହାତରେ ଗୋଟିଏ କପ ଆଉ ଗୋଟିଏ ହାତରେ ଆଉ ଗୋଟିଏ କପ ଚା ଧରି ତାଙ୍କ ପାଖକୁ ଗଲା ବେଳକୁ ବୁଢ଼ା ମଉସା ଜଣକ ସେ ଜାଗାରୁ ବାହାରି ଯିବାକୁ ଉଦ୍ୟତ ହେଲା ପୂର୍ବରୁ ରାଜା ତାଙ୍କରି ହାତରେ କପ ଟି ଧରେଇ ଦେଇ ହସି ହସି କହୁଥିଲା ମଉସା ଏ ଚାହାର ମହକ କିଛି ଅଲଗା ନା ପିଇ ଦିଅନ୍ତୁ ! ବୁଢ଼ା ମଉସା ଜଣକ ରାଜା ଆଡ଼କୁ ଚାହିଁ କହୁଥାନ୍ତି ପୁଅ ମୋତେ କାହିଁକି .....କହି ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲା ରାଜା ଆଡ଼କୁ ? ! ରାଜା ହସି କହୁଥିଲା , ଚାହା ଗୋଟିଏ ଏମିତି ଜିନିଷ ମଉସା ଯାହା ମିଶିକି ଆଉ ବାଣ୍ଟିକି ପିଇଲେ ଯାଇ ଚାହାର ମହକ ଆଉ ମହତ୍ତ୍ୱ ବଢ଼ି ଥାଏ । ମୁଁ ଏମିତି ଜଣେ ସାଙ୍ଗ ଏମିତି ଗୋଟାଏ ମୁହୂର୍ତ୍ତ ମନେ ମନେ ଖୋଜି ହେଉଥିଲି ଯିଏକି ଏଇ ଚାହା କପ ପିଆଲାର ସାଥୀଟିଏ ହେବ । ସତରେ ମଉସା ମଜା ଆସିଗଲା ଆଜିର ଚାହାରେ ! ଥର ଥର ହାତରେ ଚାହା କପଟିକୁ ଧରି ବୁଢ଼ା ମଉସା ଜଣକ ଆଖି କୋଣରେ ଲାଖି ରହିଥିବା ଲୁହର ଲିରିକ ସବୁ ଚାହାର ବାମ୍ଫରେ ବାଷ୍ପାୟିତ ହୋଇଯାଉଥିଲା କ୍ରମଶଃ .... !!

ଶକ୍ତିପ୍ରଦା ମହାପାତ୍ର
ଜି/୨, ରାଜାବଗିଚା ଲେବର କଲୋନୀ
କଟକ-୯
ମୋ:୭୯୭୮୩୫୦୫୪୪

ନୂତନ ଅନୁଭବ

ସୁନନ୍ଦା ମହାନ୍ତି

ଭୁବନେଶ୍ୱରରେ ନ ଓହ୍ଲେଇ ଜଟଣୀରେ ଓହ୍ଲେଇ, ସେଠୁ ପୁରୀ ଟ୍ରେନ ଧରିବା ଜଗତ ବାବୁଙ୍କର ଗୋଟେ ପୁରୁଣା ଅଭ୍ୟାସ । ସେତେବେଳ କଥା ନିଆରା ଥିଲା । ଏବେ ମାଣିକ ଅଣନିଶ୍ୱାସୀ ହୋଇଯାଉଛନ୍ତି ଗହଳିରେ । ଏକ୍ସପ୍ରେସ ଛାଡି ଲୋକାଲ ଟ୍ରେନ ଧରି ପୁରୀ ପୂର୍ବରୁ ଲୋକାଲ ଷ୍ଟେସନରେ ଓହ୍ଲେଇବା କୁଆଡେ ସହଜ ଜଗତ ବାବୁଙ୍କ ପାଇଁ । ଭୁବନେଶ୍ୱରରେ ଓହ୍ଲେଇ ଅଟୋରେ ବସଷ୍ଟାଣ୍ଡ ଯାଇ ସେଠୁ ବସ ଧରିବା ଅପେକ୍ଷା, ଜଟଣୀରେ ଓହ୍ଲେଇ ପଡିଲେ ହୀରାଖଣ୍ଡ ଏକ୍ସପ୍ରେସରୁ ଜଗତବାବୁ ।

ଟିକେଟ କରି ଆସିଲା ବେଳକୁ ଗୋଟାକ ପରେ ଗୋଟେ ଏକ୍ସପ୍ରେସ ପୁରୀକୁ । କି ଭିଡ଼ ! ତା କାରଣ ଥିଲା ଜଗନ୍ନାଥଙ୍କ ଧାମରେ ନବବର୍ଷର ଦର୍ଶନ ସାଙ୍ଗକୁ ଅବଡ଼ା ଖିଆ ଓ ମହୋଦଧିରେ ପାପ ପ୍ରଖ୍ୟାଳନ କେତେ ଜଣଙ୍କ ଭାଗ୍ୟରେ ଥାଏ ? ମାଣିକଙ୍କୁ ଅସହାୟ ଲାଗୁଥିଲା । ଲୋକାଲ ଟ୍ରେନର ଗହଳି କଥା ଭାବି ମୁଣ୍ଡ ବୁଲାଇଦେଉଥିଲା । ଅଣନିଶ୍ୱାସୀ ହୋଇ ଟ୍ରେନରେ ମୃତ୍ୟୁ ଯୋଗ ଅଛି ବୋଧେ ତାଙ୍କର ଭାବି ଆହୁରି ଅଣନିଶ୍ୱାସୀ ଲାଗୁଥିଲା । ମରିବାକୁ କିଏ ବା ଭଲ ପାଏ ଯେ । ଖାଲି କଥାରେ ମରିଯାଆନ୍ତିକି ତରିଯାଆନ୍ତି କହିବା ଗୋଟେ ଉପର ଦେଖାଣିଆ କଥାର ନଥା ନୁହେଁତ ଆଉ କଣ !

ଏଇ ଆସି ଲାଗିଗଲା ନୂଆଗାଁ ପୁରୀ ଲୋକାଲ ଟ୍ରେନ । ଛଅ ନମ୍ବର ପ୍ଲାଟଫର୍ମରେ ଲାଗିବ । ଓଃ କି ଅସମ୍ଭବ ଭିଡ଼ । ପିଲାଠୁ ବୁଢା ଯାଏଁ, ସମସ୍ତେ ଯିବାକୁ ତତ୍ପର । ନୁଆବର୍ଷର ପହିଲି ଦିନକୁ କିଏ ବା କାହିଁକି ହାତ ଛଡା କରିବ । ମାଣିକ ଦେବୀ ଭାବୁଥିଲେ ତାଙ୍କ ପରି ପାପୀ କିଏ କୋଉଠି ଥିବ ? ସେ, ନା ଏ କୁଳର ନା ସେ କୁଳର । ଝିଅ ଘରେ, ଆଜି ଆଉ ଗୋଟେ ଦିନ ରହିଯାଇଥିଲେ ମାଛ ମାଉଁସରେ ଭାସି ଥାଆନ୍ତେ, ଏପଟେ ଜଗନ୍ନାଥ ମହାପ୍ରଭୁଙ୍କ ଆସ୍ଥାନ ପୁରୀ ସହର ଘରଠାରୁ ଆଉ କେତେ ବାଟରେ ଅବା ? ଆଜି ପରି ଦିନରେ କିଏ କେତେ ଜପ ତପ କରୁଛନ୍ତି, ସେ ଆମିଷ କଥା ଭାବୁଛନ୍ତି ଭାବି ରାମ ରାମ କହି ଗାଡିରେ ବହୁ କଷ୍ଟରେ ଚଢିଲେ । ସେ ଏପଟୁ, ଜଗତବାବୁ ସେପଟୁ । ପିଲା ଗୁଡାକ, ବୁଢାବୁଢ଼ୀମାନେ କି ଠେଲା ପେଲାରେ ଉଠୁଥାନ୍ତି । କଣ କରିବେ ସେ । ମହରଗରୁ ଆଣି କାନ୍ତାରେ ପକେଇବା ଧର୍ମ ତ ଜଗତବାବୁଙ୍କର । ବଡ଼ କଷ୍ଟରେ ବ୍ୟାଗ ସହ ଉଠୁ ଉଠୁ କାହା କାହା ବ୍ୟାଗ ସହ ଧକ୍କା ଖାଇ ଆଗକୁ ବଢୁଥିଲେ ମାଣିକ, ସେପଟୁ ସ୍ୱାମୀ ଜଗତବାବୁ ଉଠିଲେ କି ନାହିଁ ଅନ୍ୱେଷଣ କରିବାକୁ । ନହେଲେ କଣ ଯେ ହେବ ! ଆଜି ନିଶ୍ଚୟ ପିଣ୍ଡରୁ ପ୍ରାଣ ଛାଡ଼ିବା ଯୋଗ ଅଛି ନୂଆ ବର୍ଷର ନୂତନ ସକାଳଟାରେ ।

ହଠାତ ପଛରୁ କେହି କାନିଟା ଭିଡି ଧରିଲା । ନିଶ୍ଚୟ କାହା ଜିନିଷ ପତ୍ରରେ ଲାଗି ଯାଇଛି ଶାଢ଼ି ପଣତ । ଗଲା ଶାଢ଼ିଟା । ନୂଆ ଶାଢ଼ି ପିନ୍ଧାଇ ଝିଅ ଛାଡିଥିଲା । ତାଙ୍କ ପୂର୍ବରୁ ଶାଢ଼ି ଆୟୁଷ ଯିବାର ଯୋଗ ଆଜି । ହେଲେ

ସଲାମ୍ ସୁଭାଷ

ଧ୍ୱନି ପ୍ରତିଧ୍ୱନି

୬ ♣ ବାଲେଶ୍ୱର ♣ ସୋମବାର, ୨୩ ଜାନୁଆରୀ ୨୦୨୩

ନେତାଜୀ ସୁବାଷ ଚନ୍ଦ୍ର ବୋଷ

ବିଶ୍ୱବିଜୟୀ ଦାଶ

ଭାରତର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓଡ଼ିଶାର ବୀରପୁତ୍ର ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ।

ନେତାଜୀ ସୁବାଷ ଚନ୍ଦ୍ର ବୋଷ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ଓଡ଼ିଶାର କଟକଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଜାନକୀ ନାଥ ବୋଷ ଓ ମାତାଙ୍କ ନାମ ପ୍ରଭାବତୀ ଦେବୀ।

ତାଙ୍କ ପିତା ଥିଲେ ଜଣେ ଦକ୍ଷ ଆଇନଜୀବି।ଚଉଦ ଭାଇଭଉଣୀଙ୍କ ମଧ୍ୟରୁ ସେ ଥିଲେ ନବମ।

ନେତାଜୀଙ୍କୁ ପାଞ୍ଚବର୍ଷ ସମୟ ଅର୍ଥାତ ୧୯୦୨ ମସିହାରେ ତାଙ୍କ ପିତା ଜାନକୀନାଥ ପ୍ରାଥମିକ ଶିକ୍ଷା ନିମନ୍ତେ କଟକ ପ୍ରୋଟେଷ୍ଟାଣ୍ଟ ସ୍କୁଲଠାରେ ନାମ ଲେଖାଇଥିଲେ । ସେଠାରେ ସୁଭାଷ ଜଣେ ମେଧାବୀ ଛାତ୍ର ଭାବରେ ସୁନାମ ଅର୍ଜନ କରିଥିଲେ । ସେହି ସମୟରେ ପ୍ରୋଟେଷ୍ଟାଣ୍ଟ ସ୍କୁଲର ନିୟମ ଅନୁସାରେ ଭାରତରେ ଜନ୍ମ ଗ୍ରହଣ କରିଥିବା ଯେ ଛାତ୍ର ଯେତେ ଅଧିକ ନମ୍ବରରଖି ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ୟ ସେମାନଙ୍କୁ ଅନେକ ବୃତ୍ତି ଦେବା କ୍ଷେତ୍ରରେ ପାତର ଅନ୍ତର ପ୍ରଥା ଅବଲମ୍ବନ କରାଯାଉଥିଲା । ତାହା ହିଁ ଥିଲା ସୁଭାଷଙ୍କ ମନରେ ବିଦ୍ରୋହତା । ପିତା ସୁଭାଷଙ୍କର ମନକଥା ବୁଝି ସୁଭାଷଙ୍କର ଶିକ୍ଷାକୁ ଦେଶୀୟ ହିସାବରେ ଶିକ୍ଷାଦାନ ନିମନ୍ତେ ୧୯୦୯ ମସିହାରେ ପରବର୍ତ୍ତି ଶିକ୍ଷା ବ୍ୟବସ୍ଥା ରେଭେନ୍ସା କଲେଜିଏଟ ସ୍କୁଲରେ ନାମ ଲେଖାଇଥିଲେ ।

୧୯୦୮ମସିହା ଅଗଷ୍ଟ ମାସ ୧୧ ତାରିଖ ଦିନ ଖୁଦୀରାମଙ୍କୁ ଇଂରେଜ ସରକାରଙ୍କଦ୍ୱାରା ଫାସି ଦିଆଯାଇଥିଲା । ସୁଭାଷଙ୍କ ପ୍ରତି ଏହାର ପ୍ରଭାବ ପଡ଼ିଲା । ଛାତ୍ର ଜୀବନ କାଳରେ ୧୯୧୧ ମସିହାରେ ସୁଭାଷ ହେଲେ ବିଶ୍ୱବିଦ୍ୟାଳୟର ଶ୍ରଦ୍ଧାର ପାତ୍ର । ଜଣେ ଦକ୍ଷ ସଂଗଠକ, ସୁଭାଷ ବୋଷଙ୍କଦ୍ୱାରା ଖୁଦିରାମଙ୍କର ସ୍ମୃତି ବାର୍ଷିକ ପାଳନ କରାଗଲା । ପୁନଶ୍ଚ ୧୯୧୧ ମସିହା ଅଗଷ୍ଟ ମାସରେ ରେଭେନ୍ସା କଲେଜିଏଟ ସ୍କୁଲ ଛାତ୍ରାବାସରେ ଚୁଲି ଜଳାଗଲା ନାହିଁ । ସମସ୍ତେ ଉପବାସ ରହି ତାହା ପାଳନ କଲେ । ସ୍ମୃତି ସଭାରେ ସୁଭାଷଙ୍କର ବକ୍ତୃତା ସମସ୍ତ ମର୍ମସ୍ପର୍ଶୀ ହେଲା । ସେ ଦିନ ସୁଭାଷ ତାଙ୍କର ସମସ୍ତ ଛାତ୍ର ବନ୍ଧୁଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଦେଶର ଲୋକମାନଙ୍କୁ ଦେଶାତ୍ମକ କରିବାକୁ ହେଲେ ସେମାନଙ୍କୁ ଦେଶାତ୍ମକ ଧର୍ମରେ ଦୀକ୍ଷିତ କରିବାକୁ ହେବ ।

ସହୀଦ ଖୁଦୀରାମଙ୍କର ସ୍ମୃତି ଦିବସ ପାଳନ ହେବାର ସମ୍ବାଦ ଇଂରେଜ ସରକାରଙ୍କ ନିକଟକୁ ପହଞ୍ଚିଲା । ସେଥିଯୋଗୁଁ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କେତେକ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା ପ୍ରଧାନ ଶିକ୍ଷକ ବେଣିମାଧବ ଦାସଙ୍କୁ । ଏହି କାରଣରୁ ବେଣୀମାଧବ ଦାସଙ୍କ ନଦୀଆ ଜିଲ୍ଲା ଅନ୍ତର୍ଗତ କୃଷ୍ଣଗେରକୁ ଯିବାକୁ ଆଦେଶ ଆସିଲା । ଶିକ୍ଷକଙ୍କ ବଦଳିର ଆଦେଶ ଶୁଣି ଚୁପ ରହିପାରିଲେ ନାହିଁ, ସମସ୍ତ ଛାତ୍ରମାନଙ୍କୁ ନେଇ ଆନ୍ଦୋଳନ କରିଥିଲେ ମଧ୍ୟ ଶେଷରେ ଶିକ୍ଷକଙ୍କ ବଦଳି ହୋଇଥିଲା । ୧୯୧୩ ମସିହାରେ ସୁଭାଷଙ୍କର ମେଟ୍ରିକୁଲେସନ ପରୀକ୍ଷା ଫଳ ପ୍ରକାଶ ପାଇଲା । ସୁଭାଷ ସମସ୍ତଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ପିତା ଜାନକୀନାଥଙ୍କ ଇଚ୍ଛାରେ ୧୯୧୩ ମସିହାରେ ସେ କଲିକତା ବଙ୍ଗଳା ଶ୍ରେଷ୍ଠ କଲେଜ ପ୍ରେସିଡେନ୍ସି କଲେଜରେ ଯୋଗଦେଲେ। ୧୯୧୯ ମସିହାରେ ପିତାଙ୍କ ବାଧ୍ୟବାଧକତାରେ ବିଲାତ ଯାଇ ୧୯୨୦ ମସିହରେ ଆଇ. ସି. ଏସ. ପରୀକ୍ଷାରେ ଚତୁର୍ଥ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ।୧୯୨୧ରେ ଆଇସିଏସର ତାଲିମ ନେଉଥିବା ବେଳେ ଭାରତରେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଘଟିଥିଲା, ତେଣୁ ସେ ଅଧାରୁ ତାଲିମ ଛାଡ଼ି ଭାରତ ଫେରି ଆସିଥିଲେ।

୧୯୨୧ ମସିହା ଜୁଲାଇ ୧୬ରେ ସୁଭାଷ ବୋଷ କେମ୍ବ୍ରିଜ ପରିତ୍ୟାଗକରି ବମ୍ବେ ଆସିଥିଲେ । ସେ ଯେଉଁ ଜାହାଜରେ ଆସୁଥିଲେ ସେ ଜାହାଜରେ ରବିନ୍ଦ୍ରନାଥ ଟାଗୋର ମଧ୍ୟ ଭାରତ ଆସୁଥିଲେ । ତାଙ୍କ ସହ ଅଲୋଚନା କରି ସେ ଜାଣିଥିଲେ ଯେ ନିଜେ ରବିନ୍ଦ୍ରନାଥ ଗାନ୍ଧିଜୀଙ୍କର ଆନ୍ଦୋଳନ ପ୍ରତ୍ୟାହାର ନୀତିକୁ ସମର୍ଥନ କରୁଥିଲେ । ସେ ବମ୍ବେରୁ ଓହ୍ଲାଇ ମହାତ୍ମାଗାନ୍ଧୀଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ । ସେତେବେଳେ ଗାନ୍ଧିଜୀ ଥିଲେ ବାସ୍ତବରେ କଂଗେସର ଅପ୍ରତିଦ୍ୱନ୍ଦୀ ଓ କର୍ଣ୍ଣଧାର ମାତ୍ର ୧୯୧୪ ମସିହାରେ ଭାରତକୁ ଫେରି ଆସିବା ସମୟରେ ଦକ୍ଷିଣ ଆଫ୍ରିକାରେ ପାର୍ଲିଆମେଣ୍ଟ ବିରୁଦ୍ଧରେ ଭାରତୀୟମାନଙ୍କ ଅଧୀକାରର ସୁରକ୍ଷା ଆଣିବା ନିମନ୍ତେ ସତ୍ୟାଗ୍ରହଦ୍ୱାରା ସଫଳ ହୋଇଥିଲେ । ସେତେବେଳେ ଗାନ୍ଧିଜୀ ବମ୍ବେର ମଣିଭବନରେ ବସ କରିଥିଲେ । ସେଠାରେ ସେ ସ୍ୱାଧୀନତା ସଂଗ୍ରାମର ପରିକଳ୍ପନା କଣ ଏବଂ ରୂପାୟନ ସଂପର୍କରେ ସ୍ପଷ୍ଟ ଧାରଣ କଣ ତାହା ଜାଣିବାକୁ ପାଇଲେ । ସେ ଗାନ୍ଧିଜୀଙ୍କୁ ପଚାରିଥିଲେ ଯେ, କାହିଁକି ବିଦେଶୀ ଅମଲାତନ୍ତ୍ରମାନଙ୍କ ଠାରୁ କ୍ଷମତା ଛଡାଇନେବାକୁ ଚାହୁଁଛନ୍ତି। ସୁଭାଷଙ୍କର ଆଉଗୋଟିଏ ପ୍ରଶ୍ନ ଥିଲା ଗୋଟିଏ ବର୍ଷ ମଧ୍ୟରେ କେଉଁ ପ୍ରକାର ଉପାୟକୁ ଅବଲମ୍ବନ କରି ଭାରତ ସ୍ୱାଧିନତା ପାଇବ ? ଗାନ୍ଧିଜୀ ସ୍ପଷ୍ଟ ଭାବରେ ଉତ୍ତର ଦେଇଥିଲେ ଏହା ଅସମ୍ଭବ । ସେଠାରେ ସେ ଅନେକ ପ୍ରଶ୍ନ ପଚାରିଥିଲେ ମଧ୍ୟ ତାହର ସନ୍ତୋଷ ଜନକ ଉତ୍ତର ପାଇ ପାରିନଥିଲେ । ଗାନ୍ଧିଜୀ କହିଥିଲେ ତୁମେ ଚିତ୍ତରଞ୍ଜନଙ୍କୁ ସାକ୍ଷତ କରି ତାଙ୍କ ପରାମର୍ଶ ଅନୁସାରେ କାର୍ଯ୍ୟ କର । ଏହ ପରେ ସେ କଲିକତାର ରସାରୋଡ଼ରେ ଯାଇ ଚିତ୍ତରଞ୍ଜନଙ୍କ ବାସଗୃହରେ ସାକ୍ଷାତ କଲେ । ଏହା ଥିଲା ତାଙ୍କର ଚିତ୍ତରଞ୍ଜନଙ୍କ ସହ ପ୍ରଥମ ସାକ୍ଷାତ।ଏହା ପରେ ଉଭୟଙ୍କ ବିରାଟ ଓ ମହତ ତ୍ୟାଗ ନିଷ୍ପତ୍ତିର ମିଶ୍ରଣଦ୍ୱାରା ସ୍ୱାଧୀନତା ସଂଗ୍ରାମର ରାଜନୈତିକ ଇତିହାସ ମଧ୍ୟମ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିପାରିଥିଲା।

ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ସମ୍ପର୍କରେ ଆସିବା ପରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେଇ ୧୯୨୩ରେ ବଙ୍ଗଳା ପ୍ରାଦେଶିକ କଂଗ୍ରେସର କମିଟିର ସମ୍ପାଦକ ହୋଇଥିଲେ । ୧୯୨୪ ମସିହାରେ ସେ କଲିକତା ମହାନଗରୀର ମେୟର ହୋଇଥିଲେ । ୧୯୨୮ରେ କଂଗ୍ରେସ ପକ୍ଷରୁ ନିଯୁକ୍ତପ୍ରାପ୍ତ ମୋତିଲାଲ ନେହେରୁ କମିଟି ସ୍ୱାୟତ୍ତ ଶାସନ ସପକ୍ଷରେ ମତ ଦେଇଥିଲେ, କିନ୍ତୁ ଜବାହରଲାଲ ନେହେରୁ ଓ ସୁଭାଷ ବୋଷ ଉଭୟେ ପୂର୍ଣ୍ଣ ସ୍ୱାଧୀନତା ଚାହିଁଥିଲେ । ୧୯୩୦ରେ ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସୁଭାଷଙ୍କୁ ଗିରଫ କରି ଜେଲରେ ରଖାଯାଇଥିଲା, ତେବେ ୧୯୩୧ରେ ଗାନ୍ଧୀ-ଇରୱିନ ଚୁକ୍ତି ପରେ ତାଙ୍କୁ ଜେଲରୁ ମୁକ୍ତ କରାଯାଇଥିଲା । ୧୯୩୮ ମସିହାରେ ହରିପୁରା ଜାତୀୟ କଂଗ୍ରେସର ଅଧିବେଶନରେ ଗାନ୍ଧୀଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭିସୀତାରାମାୟାଙ୍କୁ ହରାଇ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୩୯ରେ ସେ ପୁଣିଥରେ ସେହି ପଦବୀକୁ ନିର୍ବାଚିତ ହୋଇଥିଲେ।

୧୯୩୯ରେ ସେ ଫରୱାର୍ଡ଼ ବ୍ଲକ ନାମକ ଏକ ନୂତନ ଦଳ ଗଠନ କରିଥିଲେ।ସଶସ୍ତ୍ର ଆନ୍ଦୋଳନଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ସେ ଇଟାଲିର ଜନନାୟକ ଗାରିବାଲ୍ଡି ଓ ମାର୍ଜିନିଙ୍କଦ୍ୱାରା ଯଥେଷ୍ଟ ଅନୁପ୍ରାଣୀତ ହୋଇଥିଲେ।ସୁଭାଷଙ୍କର ଏହି ଉଗ୍ରନୀତି ଯୋଗୁଁ ବ୍ରିଟିଶ ସରକାର ତାଙ୍କୁ କଲିକତାଠାରେ ନଜରବନ୍ଦୀ ରୂପେ ରଖିଥିଲେ । ଭାରତର ସ୍ୱାଧୀନତା ପାଇଁ ଭାରତ ବାହାରେ ରହି ଯୁଦ୍ଧ କରିବା ପାଇଁ ୧୯୪୧ ଜାନୁଆରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ଥାନ ଓ ସୋଭିଏତ ଋଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ। ଜର୍ମାନୀର ନାଜି ଶାସକ ହିଟଲରଙ୍କ ସହ ସାକ୍ଷାତ କରି ଭାରତର ସ୍ୱାଧୀନତା ହାସଲ ସମ୍ପର୍କରେ ତାଙ୍କୁ ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ। ବର୍ଲିନଠାରେ ଏକ ମୁକ୍ତ ଭାରତ କେନ୍ଦ୍ର ଉନ୍ମୋଚନ କଲେ ଓ ଜର୍ମାନୀ ମାଟିରେ ଫ୍ରି ଇଣ୍ଡିଆ ଆର୍ମି ଗଠନ କରିଥିଲେ।ସୁଦୂର ବର୍ଲିନରୁ ଆଜାଦ ହିନ୍ଦ ରେଡ଼ିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଆହ୍ୱାନରେ ସମସ୍ତଙ୍କୁ ଏକଜୁଟ କଲେ।ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନରେ ନିର୍ବାସିତ ଭାବେ ବାସ କରୁଥିବା ରାସ ବିହାରୀ ବୋଷ ନାମକ ଜଣେ ଭାରତୀୟ ଜାପାନ, ବର୍ମା, ମାଳୟ, ପ୍ରଭୃତି ସ୍ଥାନରେ ପ୍ରବାସୀ ଭାରତୀୟ ଓ ଯୁଦ୍ଧ ବନ୍ଦୀମାନଙ୍କୁ ଏକତ୍ରିତ କରି ଭାରତୀୟ ସ୍ୱାଧୀନତା ଲିଗ ଗଠନ କଲେ । ସୁଭାଷ ସିଙ୍ଗାପୁରରେ ଆଜାଦ ହିନ୍ଦ ଫୌଜର ଦାୟିତ୍ୱ ଗ୍ରହଣ କଲେ ଏବଂ ୧୯୪୩ ମସିହା ଅକ୍ଟୋବର ୨୧ତାରିଖ ଦିନ ସେଠାରେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ । ସେହିଠାରୁ ସେ ଆହ୍ୱାନ ଦେଇଥିଲେ ଦିଲ୍ଲୀ ଚଲୋ । ଏହା ସହିତ ଆରମ୍ଭ ହେଲା ଆଜାଦ ହିନ୍ଦ ଫୌଜର ଅଭିଯାନ । ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ ହିନ୍ଦ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା । ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦ ହିନ୍ଦ ଫୌଜ ଉପରେ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶ ପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା।

ଶାହନୱାଜ କମିଟି, ଖୋସଲା କମିଶନ, ମୂଖାର୍ଜୀ କମିଶନ ପରି ଅନେକ କମିଶନ ଅଫ ଇନକ୍ୱାରି ବସିଥିଲେ ମଧ୍ୟ ତାଙ୍କର ମୃତ୍ୟୁର କାରଣ ଏବଂ ସମୟ ସଠିକ ଭାବେ ନିରୁପିତ ହୋଇପାରିନାହିଁ।ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳୀ ଓ କୋଟି କୋଟି ପ୍ରଣାମ।

ଯୁବ ସ୍ତମ୍ଭକାର
ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋ. ୭୩୬୦୨୬୮୫୨୧

ନେତାଜୀ ସୁଭାଷ ଓ କଟକର ସଚ୍ଚିଦାନନ୍ଦ ମଠ

ବିପିନ ବିହାରୀ ରାଉତ

ନେତାଜୀଙ୍କ ପରିଚୟ ପ୍ରଦାନରେ ସଂକୀର୍ଣ୍ଣତାର ସ୍ଥାନ ନାହିଁ କାରଣ ସେ କେବଳ କଟକ, ଓଡ଼ିଶା ବା କୋଲକାତା ଭିତରେ ସୀମିତ ରହିନଥିଲେ। ସେ ଥିଲେ ଦେଶର ସମ୍ପତ୍ତି। ଏକ ବିଶ୍ୱବ୍ୟାପୂ ବ୍ୟକ୍ତିତ୍ୱ। ଚଳିତ ବର୍ଷ ନେତାଜୀଙ୍କ ୧୨୫ତମ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନରେ ଓଡ଼ିଶା ସରକାର ଆଗୁଆ ରହି ନେତାଜୀଙ୍କ ସ୍ମୃତିରକ୍ଷା ପାଇଁ ଅନେକ ପ୍ରକଳ୍ପ ହାତକୁ ନେଇଛନ୍ତି। ନେତାଜୀ ଜୟନ୍ତୀ ଅବସରରେ ଏକ ଅନାଲୋଚିତ ତଥ୍ୟ ଭାବେ ଖୋଦ କଟକ ସହରର ଏକ ମଠରେ ତାଙ୍କ ବାଲ୍ୟ ସ୍ମୃତିର ପାରିବାରିକ ଘଟଣାବଳୀ ମୁକସାକ୍ଷୀ ହୋଇରହିଛି। ଏହି ଲେଖକ ଅତି ବିନମ୍ର ଭାବେ ସେହି ଅପାସୋରା ସ୍ମୃତିକୁ ଉପସ୍ଥାପନ କରୁଛି।

ଯୁଗେ ଯୁଗେ ମୁନି, ଋଷିଗଣ ଆଧ୍ୟାତ୍ମମାର୍ଗରେ ଦେଶ ପରିଚାଳନା ପାଇଁ ପ୍ରଚେଷ୍ଟା କରିଆସିଛନ୍ତି। ତେଣୁ ପିଲାଦିନୁ ନେତାଜୀ ସୁଭାଷ ବୋଷ ଆଧ୍ୟାତ୍ମବାଦ ଆଡ଼କୁ ଆକର୍ଷିତ ହେବା ସ୍ୱାଭାବିକ ଥିଲା। ସେ ପ୍ରତିଦିନ ଗୀତା ପଢ଼ିବା ସହ ମା'ଙ୍କଠାରୁ ରାମାୟଣ, ମହାଭାରତ କଥା ଶୁଣୁଥିଲେ। ବାପାଙ୍କ ସହ ସେ ସଚ୍ଚିଦାନନ୍ଦ ମଠକୁ ଯାଉଥିଲେ। ନେତାଜୀଙ୍କ ପିଲାଦିନରେ ଏହି ଆଧ୍ୟାତ୍ମବାଦର ମୂକସାକ୍ଷୀ ହୋଇଛି କଟକ ବାଉଁଶଗଳିସ୍ଥିତ ସଚ୍ଚିଦାନନ୍ଦ ମଠ। ମଠର ପ୍ରତିଷ୍ଠାତା ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କ ବନ୍ଧେଇ ଫଟୋ ମଠ ପକ୍ଷରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରଦାନ କରାଯାଇଛି। ଯାହାକି ସଂଗ୍ରହାଳୟର ୧୦ ନମ୍ବର ଗ୍ୟାଲେରୀରେ ଏହି ଫଟୋ ସ୍ଥାନିତ ହୋଇଛି। ବିଶ୍ୱବ୍ୟାପୀ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଘର କେନ୍ଦ୍ରାପଡ଼ା ନିକଟ ଛୋଟିମଙ୍ଗଳପୁର ଗ୍ରାମରେ। ସରସ୍ୱତୀ ଗୋସ୍ୱାମୀ ପ୍ରଥମେ କଟକର ଗଣେଶଘାଟ ଓ ପରେ ଓଡ଼ିଆବଜାରସ୍ଥିତ ନେତାଜୀଙ୍କ ଘର ନିକଟସ୍ଥ ଏକ ଭଡ଼ାଘରେ ସଚ୍ଚିଦାନନ୍ଦ ମଠ ସ୍ଥାପନ କରିଥିଲେ। ଗୌଡ଼ୀୟ ମଠର ବରିଷ୍ଠ ସନ୍ନ୍ୟାସୀ ଭକ୍ତିପ୍ରଦୀପ ତୀର୍ଥ ମହାରାଜ ଓ ରେଭେନ୍ସା କଲେଜର ତତ୍କାଳୀନ ବରିଷ୍ଠ ଇତିହାସ ଅଧ୍ୟାପକ ନିଶିକାନ୍ତ ସାନ୍ୟାଲ (ସୁଧାକର ପଣ୍ଡା) ପ୍ରମୁଖ ଜାନକୀନାଥ ବୋଷ ନେତାଜୀଙ୍କ ପିତାଙ୍କ ଘରକୁ ଭିକ୍ଷାର୍ଥେ ଯିବା ଆସିବା କରୁଥିଲେ। ଜାନକୀନାଥ ବାବୁ ସଚ୍ଚିଦାନନ୍ଦ ମଠରେ ଠାକୁର ଓ ସାଧୁ ବୈଷ୍ଣବଙ୍କ ସେବା ପାଇଁ ପ୍ରତି ମାସରେ ୧୩୦୦ ଟଙ୍କା ପ୍ରଦାନ କରୁଥିଲେ। ମଠରେ ଶ୍ରୀଗୌରହରି ଓ ଶ୍ରୀରାଧାକୃଷ୍ଣଙ୍କ ବିଗ୍ରହ ବିନୋଦ ରମଣଙ୍କୁ ଆରାଧନା କରାଯାଉଥିଲା। ସକାଳ ସନ୍ଧ୍ୟାରେ ମଧୁର ସଂକୀର୍ତ୍ତନ ଓ ଭକ୍ତ ଗ୍ରନ୍ଥାଦି ପାଠବ୍ୟାଖ୍ୟା ହୁଏ। ସେତେବେଳେ ସଚ୍ଚିଦାନନ୍ଦ ମଠକୁ ଅନେକେ ବୈକୁଣ୍ଠ ବୋଲି ବର୍ଣ୍ଣନା କରୁଥିଲେ। ବାପା ଜାନକୀନାଥଙ୍କ ସହ ସୁଭାଷ ପିଲାଦିନେ ବହୁବାର ସନ୍ଧ୍ୟାରେ ମଠକୁ ଯାଉଥିଲେ। ପରେ ଏହି ମଠ ବାଉଁଶଗଳିରେ ସ୍ଥାୟୀ ଜମିକୁ ସ୍ଥାନାନ୍ତର ହେଲା। ସେଠାରେ ମନ୍ଦିର ନିର୍ମାଣ ହୋଇ ଶ୍ରୀବିଗ୍ରହମାନଙ୍କୁ ସ୍ଥାପନ କରାଯାଇଥିଲା। ପତ୍ରିକା ଅନୁଷ୍ଠାନର ମୁଖଦର୍ପଣ ପରି। ତେଣୁ ୧୯୩୨ରୁ ଓଡ଼ିଆ ପତ୍ରିକା 'ପରମାର୍ଥୀ' ପ୍ରକାଶ ଆରମ୍ଭ ହୋଇଥିଲା। ଏହି ପତ୍ରିକାରେ ପ୍ରାକ୍ତନ ସମ୍ପାଦକ ଯତିଶେଖର ଭକ୍ତିଶାସ୍ତ୍ରୀ ଉପରୋକ୍ତ ବିଷୟରେ ଉଲ୍ଲେଖ କରିଛନ୍ତି। ଜାନକୀନାଥ ଆମିଷାଦି ତ୍ୟାଗ କରି ସଦାଚାର ଜୀବନଯାପନ କରୁଥିଲେ। ଏଥିସହ ଶ୍ରୀଗୌରଙ୍କ ଜନ୍ମସ୍ଥଳୀ ନବଦ୍ୱୀପର ଯୋଗପୀଠ ମନ୍ଦିର ମଧ୍ୟ ଦର୍ଶନ କରୁଥିଲେ। ପିତାଙ୍କ ଏସବୁ ଆଧ୍ୟାତ୍ମିକ କାର୍ଯ୍ୟାବଳୀ ତଥା ମାନସିକତାର ପ୍ରଭାବ ସୁଭାଷଙ୍କ ଉପରେ ପଡ଼ିଥିଲା। କଟକ ରେଭେନ୍ସା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ବାବାଜୀ ମହାରାଜଙ୍କ ପାଖକୁ ଯାଇ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଲୀଳା ଶୁଣୁଥିଲେ। ଏହାଦ୍ୱାରା ସୁଭାଷଙ୍କ ମନରେ ଶ୍ରୀଚୈତନ୍ୟ ଦେବଙ୍କ ପ୍ରତି ଶ୍ରଦ୍ଧାଭାବ ଜାଗରିତ ହୋଇଥିଲା।

ଥରେ ନେତାଜୀ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସହ କଲିକତା ଗୌଡ଼ୀୟ ମଠକୁ ଆସି ଶ୍ରୀଲ୍ ପ୍ରଭୁପାଦଙ୍କ ଶ୍ରୀଚୈତନ୍ୟ ବାଣୀ ପ୍ରଚାରରେ ବହୁ ଶିକ୍ଷିତ ଯୁବକ ଆକୃଷ୍ଟ ହେଉଥିବା ଜାଣିବାକୁ ପାଇଥିଲେ। କେତେଜଣ ଯୁବକଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଦେବା ଲାଗି ନେତାଜୀ ଶ୍ରୀଲ ପ୍ରଭୁପାଦଙ୍କୁ ଅନୁରୋଧ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ଦଧିମାଛଗାଡ଼ିଆ ସାମନ୍ତରାୟପୁରର ଜନୈକ ଲେଖକ ତାଙ୍କ ପ୍ରବନ୍ଧ ଶ୍ରୀଶ୍ରୀଲ ପ୍ରଭୁପାଦ ପଣ୍ଡିତ ମାଲବ୍ୟଜୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରେ ଏ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ଅନୁରୋଧ ଶୁଣି ଶ୍ରୀଲ ପ୍ରଭୁପାଦ ନେତାଜୀଙ୍କୁ ପଚାରିଲେ, ଆପଣ ପୁନର୍ଜନ୍ମରେ ବିଶ୍ୱାସ କରନ୍ତି? ନେତାଜୀ ଉତ୍ତର ଦେଇଥିଲେ ଏପରି କେଉଁ ହିନ୍ଦୁ ଅଛି ଯେ ପୁନର୍ଜନ୍ମରେ ବିଶ୍ୱାସ ନରଖିବ। ଏହାପରେ ଶ୍ରୀଲ ପ୍ରଭୁପାଦ କହିଲେ, ଯଦି ଦୈବବଶତଃ ଆପଣଙ୍କ ମୃତ୍ୟୁ ହୋଇଯାଏ ଏବଂ ଆପଣଙ୍କର ପରବର୍ତ୍ତୀ ଜନ୍ମ ଇଂଲଣ୍ଡରେ ହୁଏ, ତେବେ ମଧ୍ୟ କ'ଣ ଆପଣ ଭାରତର ସ୍ୱାଧୀନତା ପାଇଁ ପ୍ରୟାସ କରିବେ। ନେତାଜୀ କହିଥିଲେ ଆପଣଙ୍କ ଅଭିପ୍ରାୟ ବୁଝିପାରିଲି, ତଥାପି ମାତୃଭୂମିର ସେବା କରିବା ପାଇଁ ଚିନ୍ତାକରିବା ମଧ୍ୟ ଉଚିତ। ଶ୍ରୀଲ ପ୍ରଭୁପାଦ କହିଲେ କେବଳ ଭାରତୀୟମାନଙ୍କ ଅନିତ୍ୟ ସ୍ୱତନ୍ତ୍ରତା ପାଇଁ ଆପଣ ଚିନ୍ତିତ। କିନ୍ତୁ ମୁଁ ସମ୍ପୂର୍ଣ୍ଣ ମାନବ ଜାତିକୁ ଏହି ଦୁଃଖାଳୟ ସଂସାର କାରାଗାରରୁ ମୁକ୍ତ କରିବା ପାଇଁ ଚିନ୍ତିତ। ନେତାଜୀ କହିଥିଲେ, ମୁଁ ପୂର୍ବରୁ ଏଭଳି ବିଚାର କେବେ ବି ଶୁଣି ନଥିଲି। ଗୀତାର ଶିକ୍ଷା ମୋତେ କେହି ଏଭଳି ବର୍ଣ୍ଣନା କ

ତିନିକୋଣିଆ ସଂରକ୍ଷିତ ଜଙ୍ଗଲରେ ନିଆଁ

ନୀଳଗିରି,୨୨/୦୧ (ନି.ପ୍ର): ତିନିକୋଣିଆ ସଂରକ୍ଷିତ ଜଙ୍ଗଲରେ ନିଆଁ। ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଅସାମାଜିକ ବ୍ୟକ୍ତି ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ସୂଚନା ରବିବାର ଅପରାହ୍ନ ପ୍ରାୟ ୧୨ଟା ସମୟରେ ବାଲେଶ୍ୱର ଜିଲା ନୀଳଗିରି ଅଧିନ ସଜନାଗଡ ପଞ୍ଚାୟତ ନୂଆସାହି ଗ୍ରାମ ନିକଟ ତିନିକୋଣିଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା । ବନବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ଫଳରେ ବହୁ ବୃକ୍ଷଲତା, କୀଟପତଙ୍ଗ ଓ ବନୌଷଧି ଭସ୍ମୀଭୂତ ହୋଇଯାଇଛି।

ପୋଖରୀରେ ଯୁବକଙ୍କ ସଲୀଳ ସମାଧି

ବସ୍ତା,୨୨/୦୧ (ନି.ପ୍ର): ବସ୍ତା ଥାନା ହଳଦୀପଦା ଡୁବୁରି ନିକଟ ଗଡିଆରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଡୁବୁରି ଠାରେ ଏକ ମାଛ ଚାଷ ପ୍ଲାଣ୍ଟ ରେ ବାଲିଆପାଳ ଥାନା କାଳଶିମିଳି ଗ୍ରାମର ଶିବଚରଣ ମାଝୀ (୩୮) ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ରବିବାର ହଠାତ୍ ଶିବ ଶୌଚ ହେବାକୁ ଯାଇ ଆଉ ଫେରିନଥିଲେ। ପରେ ଅନ୍ୟ ସାଥୀ ଶ୍ରମିକ ମାନେ ତାଙ୍କୁ ବହୁ ଖୋଜା ଖୋଜି କରି ନପାଇ ଶିବଙ୍କୁ ମାଛ ଚାଷ ପୋଖୋରିରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଏନେଇ ବସ୍ତା ଥାନା ରେ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

ଧୋବଶିଳା ଠାରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ନୀଳଗିରି,୨୨/୦୧ (ନି.ପ୍ର): ନୀଳଗିରି ବ୍ଲକ ଧୋବଶିଳା ଠାରେ ରବିବାର ଦିନ ଧୋବଶିଳା ଆଥିଲେଟିକ୍ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏହି ଖେଳରେ ପୂର୍ବତନ ଖେଳାଳୀମାନଙ୍କୁ ନେବା ସହ ଏକ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥିଲା । ୬ଗୋଟି ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଂଜର ଦେଉଳିଆ ଏକାଦଶ ଓ ନରହରିପୁର ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚର ଦେଉଳିଆ ଏକାଦଶ ଚମ୍ପିଆନ ହୋଇ ୧୦ହଜାର ଟଙ୍କା ପୁରସ୍କାର ରାଶି ପାଇଥିବା ବେଳେ ନରହିରପୁର ରନର୍ସଅପ ହୋଇ ୮ହଜାର ଟଙ୍କା ପୁରସ୍କାର ପାଇଛନ୍ତି । ଏହି ଟୁର୍ଣ୍ଣାମେଂଟର ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରି ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବାଲେଶ୍ୱର ବିଜେପି ଉପସଭାପତି ଗଙ୍ଗାଧର ମିଶ୍ର ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ବୃଷଭାନୁମହାପାତ୍ର ଧାରା ବିବରଣୀ ଦେଇଥିବା ବେଳେ ବ୍ଲକ ସଦସ୍ୟ ଅନାଦି ନାୟକ, ଶରତ ରାଉଳ, ମହେଶ୍ୱର ମଲିକ, ସମରେନ୍ଦ୍ର ଜେନା, ପ୍ରଫୁଲ୍ଲ ରାଉଳ, ରମାକାନ୍ତ ବେହେରା, ଗୋପାଳଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଗୋବରଘାଟ ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣ ହେବ ହାଇଲେଭଲ ବ୍ରିଜ

ବାରିପଦା, ୨୨/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ମ୍ୟୁନିସିପାଲିଟି ଠାରୁ ରାଇବଣିଆ ଏବଂ ମୟୂରଭଂଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ମଧ୍ୟରେ ଯାତାୟତ ସୁବିଧା ପାଇଁ ସୁବର୍ଣ୍ଣରେଖା ନଦୀ ଉପରେ ଏକ ହାଇଲେଭଲ୍ ବ୍ରିଜ ନିର୍ମାଣକୁ ଆଜି ରାଜ୍ୟ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ବାଲେଶ୍ୱର ଜିଲ୍ଲାର ପୁରୁଣା ଜାତୀୟ ରାଜପଥର ଜଳେଶ୍ୱର ବାଇ ପାସ ଠାରୁ ଡି.ପି ପ୍ରାଇମେରୀ ସ୍କୁଲ ଛକ ମଧ୍ୟରେ ଗୋବରଘାଟ ଠାରେ ସୁବର୍ଣ୍ଣରେଖା ନଦୀ ଉପରେ ଏକ ହାଇ ଲେଭଲ୍ ବ୍ରିଜ ନିର୍ମାଣ କରାଯିବ । ଏହି ବ୍ରିଜ ନିର୍ମାଣ ଦ୍ୱାରା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ମ୍ୟୁନିସିପାଲିଟି ଠାରୁ ଜଳେଶ୍ୱର ବ୍ଲକର ରାଇବଣିଆ ଏବଂ ମୟୂରଭଂଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ମଧ୍ୟରେ ଗମନାଗମନ ସୁବିଧା ସହିତ ଉଭୟ ଜିଲ୍ଲାର ଜନସାଧାରଣଙ୍କ ଆର୍ଥିକ ଉନ୍ନତିରେ ଏହା ସହାୟକ ହେବ ବୋଲି କୁହାଯାଇଛି । ମୁଖ୍ୟମନ୍ତ୍ରୀ ଏହି ହାଇଲେଭଲ୍ ବ୍ରିଜ୍ ନିର୍ମାଣ ପାଇଁ ୧୦୧ କୋଟି ୬୬ ଲକ୍ଷ ଟଙ୍କା ଅନୁମୋଦନ କରିବା ସହିତ ୩୬ ମାସ ମଧ୍ୟରେ ଏହା ସମ୍ପୁର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏହି ବ୍ରିଜ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବୀ ହୋଇ ଆସୁଥିବା ବେଳେ, ଆଜି ଏହି ପ୍ରକଳ୍ପ ଉପରେ କ୍ୟାବିନେଟ ମୋହର ବାଜି ଥିବାରୁ ସ୍ଥାନୀୟ ଜନତା ଖୁସିପ୍ରକଟ କରିଛନ୍ତି । ଏବାବଦରେ ବାରିପଦା ଷ୍ଟାଡିୟମ ସଭାକକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ମରୋଡା ବିଧାୟକ ରାଜକିଶୋର ଦାସ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ବିଜେଡି ମହିଳା ଜିଲ୍ଲା ସଭାପତି ଦିପ୍ତିଲତା ମିଶ୍ର, ଏମସିସି ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ଯୋଗଦେଇ ରାସଗୋବିନ୍ଦପୁର ବାସୀଙ୍କ ଦୀର୍ଘ ଦିନର ଦାବୀ ପୁରଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି ।

ତ୍ରିରଙ୍ଗା କ୍ଲବ ଦ୍ୱାରା ଆୟୋଜିତ ମକର ମିଳନ ମହୋତ୍ସବ ଉଦ୍‌ଯାପିତ

ବାରିପଦା,୨୨/୦୧ (ନି.ପ୍ର): ସ୍ଥାନୀୟ ୧୫ ନମ୍ବର ୱାର୍ଡର ପୂର୍ଣ୍ଣଚନ୍ଦ୍ର ପୁର ଅଂଚଳରେ ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ଆୟୋଜିତ ମକର ମିଳନ ମହୋତ୍ସବ ଉଦଯାପିତ ହୋଇଯାଇଛି । ୬ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବର ପ୍ରଥମ ତିନି ଦିନ ଧରି କୁନି କୁନି ପିଲାମାନଙ୍କ ଠାରୁ ମା ମାଉସୀଙ୍କ ମଧ୍ୟରେ ପ୍ରାୟ ୬୦ ରୁ ଉର୍ଦ୍ଧ ପ୍ରକାରର ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତତ ସହିତ ବାରିପଦା ଓ ପାଖ ଅଂଚଳର ଯୁବକ ମାନଙ୍କ ମଧ୍ୟରେ କେରମ, ବ୍ୟାଡ଼ମିଂଟନ ଓ ମିନି ମାରାଥନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା ଓ ୧୮ ତାରିଖ ସନ୍ଧ୍ୟାରେ ପ୍ରାୟ ୧୦୦ ରୁ ଉର୍ଦ୍ଧ ପ୍ରତିଯୋଗୀଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା । ଏହି କାର୍ଯ୍ୟକ୍ରମ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି ଓ ମୟୂରଭଂଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଅତିଥି ଭାବେ ଯୋଗ ଦେଇ ୮୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ୧୯ ତାରିଖ ସନ୍ଧ୍ୟାରେ ଝୁମର କାର୍ଯ୍ୟକ୍ରମ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ ଓ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ୫ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ମଧ୍ୟରେ ସାରସ୍ୱତ ସାଧକ ପଦ୍ମନାଭ ସାହୁ, ଅଭିନେତା ଓ ନିର୍ଦ୍ଦେଶକ ଧୀର ବଶା, ଆଦର୍ଶ ଶିକ୍ଷକ ଜୟନ୍ତ କୁମାର ଦାସ, ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ ଓ ଯୁବ ଅନ୍ତର୍ଜାତୀୟ ରଗବି ରେଫେରୀ ଦିବ୍ୟ ରଂଜନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷ ସନ୍ଧ୍ୟାରେ ଝୁମର କାର୍ଯ୍ୟକ୍ରମ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼. ଦେବାଶିଷ ମାରାଣ୍ଡି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମନ୍ୟମ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରାୟ ୧୦୦ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଜାତୀୟ ବଡିବିଲଡର ଓ ପ୍ରଶିକ୍ଷକ ନବ କୁମାର ସାହୁ ଓ ଯୁବ ଜାତୀୟ ବଡି ବିଲଡର ନୀତେଶ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଘର ବାଡ଼ିରୁ ସନ୍ଦେହ ଜନକ ଅବସ୍ଥାରେ ମହିଳାଙ୍କ ଅର୍ଦ୍ଧ ଦଗ୍ଧ ମୃତ ଶରୀର ଠାବ

ବସ୍ତା,୨୨/୦୧ (ନି.ପ୍ର): ଘର ବାଡ଼ିରୁ ସନ୍ଦେହ ଜନକ ଅବସ୍ଥାରେ, ମହିଳାଙ୍କ ଅର୍ଦ୍ଧ ଦଗ୍ଧ ମୃତ ଶରୀର ଠାବ। ହତ୍ୟା କି ଆତ୍ମହତ୍ୟା ତାହା ସନ୍ଦେହ ଘେରରେ। ଏ ଭଳି ଅଭାବନୀୟ ଘଟଣା ଘଟିଛି ବସ୍ତା ଥାନା ପାଉଁଶକୁଳି ପଞ୍ଚାୟତ ବେଗୁନିଆ ଗ୍ରାମରେ । ଗ୍ରାମର ନରହରି ନାୟକଙ୍କ ଘର ବାଡ଼ିରୁ ତାଙ୍କ ସ୍ତ୍ରୀ ମଞ୍ଜୁଲତା (୫୭)ଙ୍କ ଅର୍ଦ୍ଧ୍‌ଦଦଗ୍ଧ ମୃତ ଶରୀର ଠାବ ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ବସ୍ତା ଆଇଆଇସି ବାରିଣୀ ଦାସ, ପ୍ରଭାକର ସାହୁ, ଅମର୍ଦ୍ଦା ଫାଣ୍ଡି ଅଧିକାରୀ ସନ୍ଦୀପ କୁକୁର,ଏ ଏସଆଇ ବିକାଶ ସେଠି ସଦଳେ ବଳେ ପହଁଚି ପ୍ରାଥମିକ ତଦନ୍ତ କରିଥିଲେ । ପରବର୍ତ୍ତୀ ଅବସ୍ଥାରେ ଏକ ଅପମୃତୁ ମାମଲା ରୁଜୁ କରି, ମାଜିଷ୍ଟ୍ରେଟ ତଥା ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସଙ୍କ ଉପସ୍ଥିତିରେ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୋଲିସ ଅଧିକ ତଦନ୍ତ କରିବା ସହିତ, ମୃତ୍ୟୁ ଶରୀର ନିକରେ ପଡିଥିବା ଲାଇଟର, କିରୋସିନି ବେରେଲ ସହିତ ମହିଳାଙ୍କ ଅର୍ଦ୍ଧ ଦଗ୍ଧ ମୃତ ଶରୀର କୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ପୋଲିସର ତଦନ୍ତ ପରେ ହତ୍ୟା କି ଆତ୍ମହତ୍ୟା ତାହା ସ୍ପଷ୍ଟ ଜଣାପଡ଼ିବ।

ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର,୨୨/୦୧ (ନି.ପ୍ର): ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ଅଭିଯୋଗରେ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ପୋଲିସ ସୁଚନା ଅନୁଯାଇ ସୁନାବେଡାର ହରି ଶଙ୍କର ଚେପାଡି ଗତ ୨ ବର୍ଷ ହେବ ବୋରିଗୁମା ଅଂଚଳର ଯୁବତୀକୁ ପ୍ରେମ କରିଥିଲେ ଓ ବିବାହ ର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିଥିଲେ । ପରେ ବିବାହ ପାଇ ମନା କରିବାରୁ ଯୁବତି ଜଣକ ଜୟପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କୁ ଗୁରୁତର ସହ ନେଇ ଜୟପୁର ମହିଳା ପୋଲିସ ୧୨/୨୨ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ହରି ଶଙ୍କର ଚେପାଡି (୨୭) । ଗିରଫ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୁଚନା ଦେଇଛନ୍ତି ।

ମାଳିପାଳ ଶ୍ରୀ ଶ୍ରୀ ଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜଳେଶ୍ୱର,୨୨/୦୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଞ୍ଚଳ ର ମାଳିପାଳ କ୍ରିକେଟ ପଡିଆ ରେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ଶ୍ରୀ ଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୮ଟି ଟିମ କୁ ନେଇ ୨ଦିନ ଧରି ସନୁଷ୍ଠିତ ହେବ । ଆଜି ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଥିଲା ।ଏହାକୁ ଜଳେଶ୍ୱର ପଂଚାୟତ ସମିତି ଅଧକ୍ଷ ମାନସ କୁମାର ଯେନା ଉଦଘାଟନ କରିଥିଲେ । ଆଜିର ଉତ୍ସବ ରେ ସରପଞ୍ଚ ଆଲୋକ ଗିରି ସଭାପତିତ୍ୱ କରିଥିଲେ, ସମ୍ମାନିତ ଅତିଥି ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ଡିପି ପୁର ସମିତି ସଭ୍ୟ ମୁକୁନ୍ଦ ରଞ୍ଜନ ଯେନା, ସମାଜ ସେବି ନଗେନ୍ଦ୍ର କୁମାର ଯେନା, ମୁଖ୍ୟବକ୍ତା ସାମ୍ବାଦିକ ଅମର ଆଚାର୍ଯ୍ୟ, ଗ୍ରାମର ଅମୁଲ୍ୟ ବେହେରା, ରାମଚନ୍ଦ୍ର ଘୋଷ, ବିଜୟ ଘୋଷ (ବିଜୁ)ଶିକ୍ଷକ ଅଶୋକ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଟିମ ର ସଭାପତି ସଞ୍ଜୟ ଘୋଷ, ସମ୍ପାଦକ କିରଣ କୁମାର ଘୋଷ, ତପନ ଗିରି, ଦୀନବନ୍ଧୁ ଗିରି, ଶିବରାମ ଘୋଷ, ଭାଗବତ ଘୋଷ, ସୁଦିପ ଘୋଷ, ଶୁଭମ ଗିରି, ତପନ ଘୋଷ, ରାମଚନ୍ଦ୍ର ଘୋଷ, ଶୁଭେନ୍ଦୁ ଘୋଷ, ସରୋଜ ଦତ୍ତ, ଆଶିଷ କୁମାର ଦାସ, ଅଜୟ ଘୋଷ ପ୍ରମୁଖ ଉକ୍ତ କ୍ରିକେଟ ଖେଳ କୁ ସହଯୋଗ କରିଥିଲେ ।

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ଭଦ୍ରକ,୨୨/୦୧ (ନି.ପ୍ର): ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିବା ସହ ମହିଳାମାନେ ଆତ୍ମନିର୍ଭରଶୀଳ ନିମିତ୍ତ ଭିନ୍ନଭିନ୍ନ ଦିଗରେ ଦକ୍ଷତା ବିକାଶ ନିହାତି ଜରୁରୀ। ସରକାରୀ ଚାକିରୀ ପଛରେ ନ ଗୋଡ଼ାଇ ନିଜର ଅନ୍ତର୍ନିହିତ ଗୁଣର ବିକାଶ ହେଲେ ଶିକ୍ଷିତା ନାରୀମାନେ ସ୍ୱାବଲମ୍ବୀ ସହ ସ୍ୱାଭିମାନରେ ବଞ୍ଚି ପାରିବେ । ସ୍ୱେଚ୍ଛାସେବୀ ସଂସ୍ଥା "ଦି ହୁମାନ ରାଇଟ୍ସ ଫାଉଣ୍ଡେସନ" ଦ୍ୱାରା ଆୟୋଜିତ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବକ୍ତାଗଣ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କର ଆଗ୍ରହ ପୂର୍ବକ, ପ୍ରାଧାପିକା ସୁପ୍ରୀତି କରଙ୍କର ସଭାପତିତ୍ୱରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ସଂରକ୍ଷଣ ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନିମନ୍ତ୍ରିତ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରାଧାପିକା ଡ଼ଃ ରାଧାରାଣୀ ମହାପାତ୍ର ଏବଂ ଆରତୀ ଜେନା ଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଦକ୍ଷତା ବିକାଶ ତାଲିମର ସୁଯୋଗ ନେବା ପାଇଁ ଉତ୍ସାହିତ କରିଥିଲେ। ୬୦ରୁ ଉର୍ଦ୍ଧ୍ୱ ଛାତ୍ରୀ ତାଲିମ ପାଇଁ ରେଜିଷ୍ଟ୍ରେସନ କରିଥିବାରୁ ସଂସ୍ଥାର ମୁଖ୍ୟ ସଂଗ୍ରାମ କେଶରୀ ମହାନ୍ତି ଉପସ୍ଥିତ ଛାତ୍ରୀ, ଅଧାପିକା, କର୍ମଚାରୀ ଏବଂ ତାଲିମଦାତ୍ରୀ ଆରତୀ ବେହେରାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଶୁଟଆଉଟରେ ହାରି ବିଶ୍ୱକପରୁ ....

କିଛି ମିନିଟ ବାକି ଥିବା ବେଳେ ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ସାମ ଲେନ ଗୋଲ କରି ସ୍ଥିତି ୨-୧ କରିଥିଲେ । ହାଫଟାଇମ ସୁଦ୍ଧା ଭାରତ ୨-୧ରେ ଆଗୁଆ ରହିଥିଲା । ତୃତୀୟ କ୍ୱାର୍ଟର ୯ମ ମିନିଟରେ ଭାରତକୁ ମ୍ୟାଚ୍‌ର ୬ଷ୍ଠ ପିସି ମିଳିଥିଲା । ହେଲେ ହରମନପ୍ରୀତ ଏହାକୁ ମଧ ଗୋଲରେ ପରିଣତ କରି ପାରି ନଥିଲେ । ତେବେ ୪୨ ତମ ମିନିଟରେ ମିଳିଥିବା ପିସିକୁ ବରୁଣ କୁମାର ଗୋଲରେ ପରିଣତ କରି ସ୍ଥିତିକୁ ୩-୧ କରି ଦେଇଥିଲେ । ୪୪ତମ ମିନିଟରେ ନ୍ୟୁଜିଲ୍ୟାଣ୍ଡକୁ ମ୍ୟାଚ୍‌ର ପ୍ରଥମ ପିସି ମିଳିଥିଲା । ଏହାକୁ ବେଶ ଚମତ୍କାର ଢଙ୍ଗରେ କେନ ରସେଲ ଗୋଲର ପରିଣତ କରି ଦେଇଥିଲେ । ୪ର୍ଥ କ୍ୱାର୍ଟର ଅର୍ଥାତ ଶେଷ ୧୫ ମିନିଟ ନ୍ୟୁଜିଲ୍ୟାଣ୍ଡ ଘନଘନ ଆକ୍ରମଣ କରିଥିଲା । ଭାରତ ମଧ କାଉଣ୍ଟର ଆଟାକ କରିବାରେ କୌଣସି ପ୍ରକାରର ଅବହେଳା କରି ନଥିଲା । ଏହି କାଉଣ୍ଟର ଆଟାକ ଯୋଗୁ ଭାରତକୁ ଏକାଧିକ ପିସି ମଧ ମିଳିଥିଲା । ତଥାପି ଦଳ ଏହାକୁ ଗୋଲରେ ପରିବର୍ତ୍ତନ କରିପାରି ନଥିଲା । ମ୍ୟାଚ୍‌ର ୫୦ତମ ମିନିଟରେ ସାନ ଫିଣ୍ଡଲେ ଚମତ୍କାର ଗୋଲ ସ୍କୋର କରି ସ୍ଥିତି ୩-୩ କରି ଦେଇଥିଲେ । ନ୍ୟୁଜିଲ୍ୟାଣ୍ଡ ସ୍ଥିତି ବରାବର କରି ଦେବାକୁ କଳିଙ୍ଗ ଷ୍ଟାଡିୟମ ପୂରା ଚୁପ ହୋଇଯାଇଥିଲା । ଭାରତୀୟ ଖେଳାଳି ମଧ ଚାପ ଅନୁଭବ କରିଥିଲେ । ତଥାପି ଶେଷ ଯାଏ କୌଣସି ଗୋଲ ସ୍କୋର କରିବାକୁ ଦେଇଥିଲେ । ନିର୍ଦ୍ଧାରିତ ସମୟ ସୁଦ୍ଧା ସ୍ଥିତି ୩-୩ ରହିବାକୁ ମ୍ୟାଚ୍‌ର ଫଳାଫଳ ପାଇଁ ଶୁଟଆଉଟ ଆରମ୍ଭ ହୋଇଥିଲା । ପ୍ରଥମ ୫ ଶଟ୍ ପରେ ଉଭୟ ଦଳ ସମାନ ୩ଟି ଲେଖାଏ ଗୋଲ କରିଥିଲେ । ଏହାପରେ ଭାରତ ସାମାନ୍ୟ ବ୍ୟାକଫୁଟକୁ ଠେଲି ହୋଇଯାଇଥିଲା । ଫିଣ୍ଡଲେ ନ୍ୟୁଜିଲ୍ୟାଣ୍ଡ ପାଇଁ ୪ର୍ଥ ଗୋଲ କରିଥିବା ବେଳେ ରାଜକୁମାର ଭାରତ ପାଇଁ ଗୋଲ କରି ସ୍ଥିତି ବରାବର କରିଥିଲେ । ଫିଲିପ୍ସ ଗୋଲ ଦେଇ ନ ପାରିବାରୁ ସ୍ଥିତି ୪-୪ ରହିଥିଲା । ଭାରତ ପାଖରେ ଲିଡ ପାଇଁ ସୁଯୋଗ ଥିଲେ ହେଁ ସୁଖଜିତ ସିଂହ ଗୋଲ ଦେଇ ପାରି ନଥିଲେ । ନ୍ୟୁଜିଲ୍ୟାଣ୍ଡ ପାଇଁ ପରବର୍ତ୍ତୀ ଗୋଲ ଶୁଟ ଆଉଟରେ ସାନ ଲେନ ଦେଇଥିଲେ । କିନ୍ତୁ ଭାରତର ଶମଶେର ସିଂହ ଗୋଲ କରିବାରେ ବିଫଳ ହେବାରୁ ନ

ସୋମବାର, ଜାନୁଆରୀ ୨୩, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ରାଜ୍ୟ ବିଦ୍ୟାଳୟ ସମୂହ ଯୋଗ ଓ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଭଦ୍ରକ,୨୨/୦୧ (ନି.ପ୍ର): ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଯୋଗ ଓ ଚେସ୍‌ପ୍ରତିଯୋଗିତା-୨୦୨୩ ଭଦ୍ରକ ଜିଲା ତିହିଡ଼ି ସ୍ଥିତ ସିଆରଏସ ହାଇସ୍କୁଲ ପରିସର ମଧ୍ୟରେ ରବିବାର ଉଦ୍‌ଘାଟିତ ହୋଇ ଯାଇଛି । ଏହି ପ୍ରତିଯୋଗିତାକୁ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଶ୍ରୀ ରାଉତରାୟ ଯୋଗ ଦେଇ ଯୋଗଶିକ୍ଷା ମାଧ୍ୟମରେ ପିଲାମାନଙ୍କର ଶାରୀରିକ ବିକାଶ ହେଉଥିବା ବେଳେ ଚେସ୍ ଖେଳ ପିଲାମାନଙ୍କର ବୌଦ୍ଧିକ ଶକ୍ତିକୁ ବୃଦ୍ଧିକରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଶାରିରୀକ ସହକାରୀ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପ୍ରଧାନ, ଜିଲାପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମାୟାଧର ସାହୁ, ପ୍ରଣୟ କୁମାର ନାୟକ, ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠ, ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହେଉଥିବା କ୍ରୀଡ଼ା ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ବାପୁଜୀ ନାୟକ, ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ମହାସଚିବ ଚାରୁଲତା ମହାପାତ୍ର, ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ କୁମାର ହେତା ଓ ଜିଲା ସମ୍ପାଦକ ପ୍ରଦୀପ ଦାସ, ମୟୂରଭଂଜ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ମଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଏପିଏସପିଏସ ହାଇସ୍କୁଲର ପ୍ରଧାନଶିକ୍ଷକ ଭକ୍ତବନ୍ଧୁ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂଗୀତ ସାଧକ ବଙ୍କିମ ଚନ୍ଦ୍ର ନାୟକ ଓ ପ ାନନ ଦ ଙ୍କ ତ ାବଧନାରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ଏହି ପ୍ରତିଯୋଗିତାରେ ୨୮ ଜିଲାରୁ ୫୭୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ଜଣାପଡ଼ିଛି ।

ବାଲେଶ୍ୱରରେ ବିଜେଡିର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୨୨/୦୧ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ବିଜୁ ଜନତା ଦଳର୨୫ବର୍ଷ ପୂର୍ତ୍ତି ତଥା ୨୬ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପ ପରିସରରେ ରବିବାର ପାଳିତ ହୋଇଯାଇଛ । ବିଜେଡିଝିଲା ଉପ-ସଭାପତି ତଥା ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାକୁ ସୁଶାସନ ଦେଇ ଆସିଛି ବୋଲି କହିଥିଲେ । ତେବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ରକ୍ଷା ବାଲେଶ୍ୱରର ବିକାଶକୁ ନୂଆ ରୂପ ଦେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ଲୋକଙ୍କ ଭରସା ଓ ବିଶ୍ୱାସର ପ୍ରତୀକ ଭାବେ ଏହି ଦଳ ଷଷ୍ଠଥର ଓଡ଼ିଶାର ଶାସନ ଡୋରୀ ହାତକୁ ନେବାକୁ ଯାଉଥିବା ବେଳେ ଭଗବାନଙ୍କ ଆଶୀର୍ବାଦରୁ ରାଜ୍ୟବାସୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀ ଦେଖିବେ ବୋଲି ବକ୍ତାମାନେ ଆଶା ପ୍ରକାଶ କରିଥିଲେ । ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ଓ ଉପାଧ୍ୟକ୍ଷ ଚୈତନ୍ୟ ସିଂ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଟାଉନ ବିଜେଡି ସଭାପତି ସନତ ଦାସ, ବରିଷ୍ଠ ବିଜେଡି ନେତା ରଂଜନ ବାଗ, ପୌର ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, ପ୍ରଫେସର ଶତ୍ରୁଘ୍ନ ମଲିକ, ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟ, ଉମିଲତା ଦାସ, ମୀନା ମହାନ୍ତି, ଜୟଶ୍ରୀ ବିଶ୍ୱାଳ, ଦୀପାରାଣୀ ସାହୁ, ସୋନାଲି ବିଶ୍ୱାଳ, ଧୀରେନ ନାୟକ, ଶକ୍ତିପଦ ରାୟ, ଉମାଶଙ୍କର ତିଆଡ଼ି, ନିଶାମଣି ପ୍ରଧାନ, ଙ୍କ ସମେତ ବାଲେଶ୍ୱର ପୌରପାଳିକାର ଏକାଧିକ କାଉନସିଲର ଓ ପୂର୍ବତନ କାଉନସିଲର, ସମେତ ସଦର ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଏଥିରେ ଯୋଗ ଦେଥିଲେ । ଦିଲୀପ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭଦ୍ରକ ସମେତ ରାଜ୍ୟର ବହୁ ବିଡି ଶ୍ରମିକ ଦୁଃଖ ଜଣାଇଲେ ଅପରାଜିତାଙ୍କୁ

ଭଦ୍ରକ,୨୨/୦୧ (ନି.ପ୍ର): ଭଦ୍ରକ ସମେତ ରାଜ୍ୟର ବହୁ ଜିଲାର ବିଡି ଶ୍ରମିକମାନେ ଓଡ଼ିଶା ରାଜ୍ୟ ବିଡି ଶ୍ରମିକ ସଂଘ ମାଧ୍ୟମରେ ନିଜର ଦୁଃଖ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଜଣାଇବା ସହ ସେମାନଙ୍କର ଦାବି ଉପସ୍ଥାପନ କରିଛନ୍ତି । ଭଦ୍ରକ ଜିଲା ବିଡି ଶ୍ରମିକ ସଂଘର ସଭାପତି ଖୁରବାନ ଅଲ୍ଲୀ ଖାଁ ଓ ସଂପାଦକ ସେକ୍ ନସିମଙ୍କ ସମେତ ଓଡ଼ିଶା ରାଜ୍ୟ ବିଡି ଶ୍ରମିକ ୟୁନିୟନର ସଭାପତି ସନ୍ତୋଷ ମହନା, ସଂପାଦକ ବୈକୁଣ୍ଠ ବେହେରା, ମାନବଧ ପାଣିଗ୍ରାହୀ, କୁନ୍ତଳା ହୋତା, କଲିମୁଦ୍ଦିନ୍ ଖାଁ, ସେକ୍ ରାଜୁ ପ୍ରମୁଖ ଶ୍ରୀମତୀ ଷଡଙ୍ଗୀଙ୍କୁ ଦେଇଥିବା ସ୍ମାରକପତ୍ର ମୂଳେ ଓଡ଼ିଶା ରାଜ୍ୟର ବିଡି ଶ୍ରମିକମାନଙ୍କ ଆର୍ଥିକ ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି । ଫଳରେ ସେମାନଙ୍କ ପରିବାର ବହୁ ଆର୍ଥିକ ଅନାଟନ ମଧ୍ୟରେ ଜୀବନଯାପନ କରୁଛନ୍ତି । ଅଧିକାଂଶ ବିଡି ଶ୍ରମିକ ରାଜ୍ୟର ଦୁର୍ଗମ ଓ ବନାଞ୍ଚଳରେ ବସବାସ କରିଆସୁଥିବାବେଳେ ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଗମନାଗମନ, ବିଦ୍ୟୁତ୍, ମୋବାଇଲ୍ ଓ ଉଚ୍ଚଶିକ୍ଷାର କୌଣସି ସୁବିଧାସୁଯୋଗ ଯୋଗାଇ ଦିଆଯାଇନାହିଁ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜଂଗଲ ଦ୍ରବ୍ୟ ଯଥା କଂଚାମାଲ କେନ୍ଦୁପତ୍ର ଉପରେ ନିର୍ଭର ପୂର୍ବକ ଜୀବିକା ନିର୍ବାହ ପାଇଁ ବିଡି ରୋଲିଂକୁ ବୃତ୍ତି ଭାବେ ଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଗ୍ରାମୀଣ ଲୋକ ଉପଯୁକ୍ତ ଚାକିରୀ ନପାଇ ଏହି ବିଡି ରୋଲିଂକୁ ବୃତ୍ତି ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରିଆସିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ବିଡି ଶ୍ରମିକମାନଙ୍କ ପ୍ରତିଦିନ ଏକ ହଜାର ବିଡି ରୋଲିଂର ମଜୁରୀ ହେଉଛି ଏକଶହ ଟଙ୍କା । ଏବଂ ଗୋଟିଏ ଶ୍ରମିକ ଅଧିକରୁ ଅଧିକ ଏକ ହଜାର ବିଡି ରୋଲିଂ କରିପାରିବାର ନିୟମ ରହିଛି । ସେମାନଙ୍କର ବିପର୍ଯ୍ୟୟ ଆର୍ଥିକ ଅବସ୍ଥାକୁ ବିଚାରକୁ ନେଲେ ଅଥନୈତିକ ଦୃଷ୍ଟିରୁ ସେମାନେ ପଛୁଆବର୍ଗ ହିସାବରେ ପରିଗଣିତ ହୁଅନ୍ତି । ସେମାନଙ୍କର ସାମାଜିକ ଅର୍ଥନୈତିକ ଅବସ୍ଥା (ଜୀବନଧାରଣ ମାନ) କୁ ସୁଦୃଢ଼ କରିବା ପାଇଁ ଭାରତ ସରକାର ଦୟାଳୁ ଭାବେ "ବିଡି ଶ୍ରମିକ କଲ୍ୟାଣ ପାଣ୍ଠି ଆଇନ୍ ୧୯୭୬" ଏବଂ ବିଭିନ୍ନ କଲ୍ୟାଣ ଯୋଜନା ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ରାଜ୍ୟରେ ଶ୍ରମ କଲ୍ୟାଣ ସଂଗଠନ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଥାଏ । ଓ୍ୱେଲ୍‌ଫେୟାର କମିଶନରଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ଶ୍ରମ କଲ୍ୟାଣ ସଂଗଠନ ବିଡି ଶ୍ରମିକମାନଙ୍କ ପାଇଁ ଯୋଜନା ଓ ଆନୁସଙ୍ଗିକ ପ୍ରଶାସନିକ କାର୍ଯ୍ୟଗୁଡିକ ଯତ୍ନ ନେଉଛି । ଶ୍ରମିକ ଏବଂ ସେମାନଙ୍କର ପରିବାରର ସଦସ୍ୟଙ୍କ ଲିଷ୍ଟ ଏଥିରେ ସ୍ଥାନିତ ହୋଇଛି । ଓ୍ୱେଲଫେୟାର କମିଶନର ଏବଂ ବିଭାଗୀୟ ଅଧିକାରୀଙ୍କୁ ରାଜ୍ୟରେ ବିଡି ଶ୍ରମିକମାନଙ୍କୁ ଚିହ୍ନଟ କରିବାର କ୍ଷମତା ଦିଆଯାଇଛି । ସରକାରଙ୍କ ପକ୍ଷରୁ ଆଜିସୁଦ୍ଧା ୫ ଲକ୍ଷ ବିଡି ଶ୍ରମିକ ଚିହ୍ନଟ ହୋଇଥିବାବେଳେ ଆହୁରି ଲକ୍ଷ ଲକ୍ଷ ଶ୍ରମିକଙ୍କୁ ଚିହ୍ନଟ କରାଯାଇନାହିଁ । ଚିହ୍ନଟ ସମସ୍ତ ବିଡି ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

ଆଜି ଦିନିକିଆ ସମ୍ବଲପୁର ଗସ୍ତରେ ଯିବେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୨/୦୧ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିନିକିଆ ସମ୍ବଲପୁର ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି, ଅମୃତ ମହୋତ୍ସବ ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପୂଣ୍ୟ ଜୟନ୍ତୀରେ ତାଙ୍କ ଜନ୍ମ ମାଟି ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଖିଣ୍ଡା ଠାରେ ଅନୁଷ୍ଠିତ ପଦଯାତ୍ରାରେ ସାମିଲ ହେବା ସହ ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବେ । ପଦଯାତ୍ରାରେ ଯୋଗଦେବା ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଓ ପରାକ୍ରମ ଦିବସ ଉପଲକ୍ଷେ ସମ୍ବଲପୁରରେ ଆଇଆଇଏମ ଓ ଆଇସିଏଚଆରର ମିଳିତ ଉଦ୍ୟମ ଉଦ୍ୟମରେ ଆୟୋଜିତ ସେମିନାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ । ମା' ସମଲେଶ୍ୱରୀ ମନ୍ଦିରରେ ଦର୍ଶନ କରିବେ । ମାଣେଶ୍ୱର ବ୍ଲକ ସାସନ ପରମାଣପୁର ଠାରେ ଆଂଚଳିକ ଧନୁଯାତ୍ରା ମହୋତ୍ସବ କମିଟି ପକ୍ଷରୁ ଅନୁଷ୍ଠିତ ଧନୁଯାତ୍ରା ସମାରୋହରେ କେନ୍ଦ୍ରମନ୍ତ୍ରୀ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

ଅକ୍ସୋଫୋର୍ଡ଼ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବାଲେଶ୍ୱର,୨୨/୦୧ (ନି.ପ୍ର): ଅଚ୍ୟୁତପୁର ସ୍ଥିତ ଅକ୍ସୋଫୋର୍ଡ଼ ପବ୍ଲିକ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ବାଲେଶ୍ୱର ଉପ ଆରକ୍ଷୀ ଅଧୀକ୍ଷକ ମାନସ ଦେଓ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଶିକ୍ଷା କିପରି ମାନବ ଜୀବନକୁ ପରିପୂର୍ଣ୍ଣ କରିଥାଏ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ରେମୁଣା ଏନଏ ।ସି ଅଧ୍ୟକ୍ଷା ତନୁଜା ଗିରି ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ସଫଳତା ପ୍ରାପ୍ତି ଓ ମାନବବାଦ ବିକାଶରେ ଶିକ୍ଷାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ଚେୟାରମ୍ୟାନ ସଂଜୟ ସାହୁ ଉତ୍ସବରେ ସଭାପତିତ୍ୱ କରିବା ସହିତ ଉତମ ଶିକ୍ଷାଦାନ କ୍ଷେତ୍ରରେ ଅକ୍ସୋଫୋର୍ଡ଼ ପବ୍ଲିକ ସ୍କୁଲର ଶୈକ୍ଷିକ ପରିବେଶ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ବିଭିନ୍ନ ବିଭାଗର କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶିକ୍ଷୟିତ୍ରୀ ଦେବଦର୍ଶିନୀ ନାୟକ ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଶୁଭଶ୍ରୀ ପଣ୍ଡା ସଭାରେ ଅତିଥିଙ୍କ ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ମୋନାଲିସା ମାନସିଂହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମନୋରଂଜନ ସାମଲ, ଜୟନ୍ତ ସାମଲ, କଳିଙ୍ଗ ଲେଙ୍କା, ରଂଜନ ଦାସଅଧିକାରୀ, ପ୍ରଦୀପ ଚକ୍ରବର୍ତ୍ତୀ, ରଶ୍ମିରଂଜନ ସାହୁ, ପୂର୍ଣ୍ଣମାସୀ ମହାନ୍ତି, ଉତ୍ତମ କୁମାର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ।

ପରମିଟ ପଡ଼ିଆରେ ଭେଟେରାନ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର,୨୨/୦୧ (ନି.ପ୍ର): ଭେଟେରାନ କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ରବିବାର ଭେଟରାନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସଂଘର ସଭାପତି ଅଶୋକ ପାଣିଗ୍ରାହୀ ଓ ସମ୍ପାଦକ ପଦ୍ମଲୋଚନ ଲେଙ୍କା କ୍ରୀଡ଼ା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ମନୋଜ କୁମାର ଦାସ, ହରେନ ଚନ୍ଦ୍ର ରଣା, କାର୍ତ୍ତିକ ଚନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ସାହୁ, ଜଗଦୀଶ ଚନ୍ଦ୍ର ବେହେରା, ଅକ୍ଷୟ କୁମାର ଆଶ, ଧର୍ମେନ୍ଦ୍ର କୁମାର ଗିରି ପ୍ରମୁଖ ଏହି କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ । ୪୦ ବର୍ଷରୁ ୮୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ଉଭୟ ପୁରୁଷ ଓ ମହିଳା ବର୍ଗର ଶତାଧିକ ଭେଟରାନ କ୍ରୀଡ଼ାବିତ ଏଥିରେ ଅଂଶଗ୍ରହଣ କରିଥିଲେ । ମହିଳାମାନେ ଓ୍ୱାକ, ଦୌଡ଼, ଡିକସ ଥ୍ରୋ, ଜେଭଲିନ ଥ୍ରୋ, ଫୁଟବଲ, ଭଲିବଲ, ମ୍ୟୁଜିକ ଚେୟାର ପ୍ରଭୃତି ବିଭାଗରେ ଓ ପୁରୁଷମାନେ ଓ୍ୱାକ, ଦୌଡ଼, ଫୁଟବଲ, ଭଲିବଲ ସାଙ୍ଗକୁ ସାଇକେଲ ଚାଳନା, ମୋଟର ସାଇକେଲ ଚାଳନା, ଦୌଡ଼ିଟଣା ଆଦି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ହିତ ଚିନ୍ତକ ସମ୍ମିଳନୀ

ଭଦ୍ରକ,୨୨/୦୧ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ, ଭଦ୍ରକ ପକ୍ଷରୁ ଗାନ୍ଧିପଡ଼ିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ୨୦୨୨ ବର୍ଷର ହିତ ଚିନ୍ତକ ଅଭିଯାନରେ ସାମିଲ ହୋଇଥିବା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ହିତ ଚିନ୍ତକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦର ପୂର୍ବ କ୍ଷେତ୍ର କ୍ଷେତ୍ରୀୟ ସହ ସମ୍ପାଦକ ଗୌରୀ ପ୍ରସାଦ ରଥ, ମୁଖ୍ୟବକ୍ତା ରୂପେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ପ୍ରଚାର ପ୍ରମୁଖ ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ସନାତନ ଧର୍ମର ପ୍ରଚାରକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସହ ସତସଙ୍ଗ ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ରାଉତ, ଜିଲ୍ଲା କୋଷାଧକ୍ଷ କୈଳାସ ଚନ୍ଦ୍ର ଦାସ ମଞ୍ଚାସିନ ରହି ସାମ୍ପ୍ରତିକ ଭାରତର ସାମାଜିକ ଏବଂ ଧାର୍ମିକ କ୍ଷେତ୍ରରେ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଭାରତର ସାର୍ବଭୌମିକ ଅଖଣ୍ଡତା, ସଂସ୍କୃତି ପରମ୍ପରା ଓ ସୁରକ୍ଷା କ୍ଷେତ୍ରରେ ବିଶ୍ୱ ହିନ୍ଦୁ ପରିଷଦର ଅତୁଳନୀୟ ଅବଦାନ ରହି ଆସିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପୂଜ୍ୟ ସନ୍ଥ ଦଣ୍ଡଧାରୀ ବାବା, ବାବା ରଞ୍ଜନ ମଲ୍ଲିକ ଆଦି ଜିଲ୍ଲାର ଅନେକ ସାଧୁ ସନ୍ଥ ଗଣ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତା ମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି ନିରଞ୍ଜନ ସାହୁ, ସହ ସମ୍ପାଦକ ଶ୍ରୀକାନ୍ତ ଲେଙ୍କା, ଶିବ ଶଙ୍କର ଦାସ, ମାତୃଶକ୍ତି ଜିଲ୍ଲା ସଂଯୋଜିକା ବାସନ୍ତୀ ମହାପାତ୍ର, ସହ ସଂଯୋଜିକା କମଳା ଦାସ, ଭଦ୍ରକ ପ୍ରଖଣ୍ଡ ସଭାପତି ପ୍ରତାପ ଦିକ୍ଷୀତ, ସହ ସମ୍ପାଦକ ମାନସ ବାରିକ ପ୍ରମୁଖ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଭଦ୍ରକ ନଗର ସଭାପତି ସୁବାସ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

ଓଡିଶା କୋଷ୍ଟ କେନାଲ ପୁନଃରୁଦ୍ଧାର ମଂଚର ସାଇକେଲ ଯାତ୍ରୀଙ୍କୁ ବାଲିଆପାଳରେ ବିପୁଳ ସମ୍ବର୍ଦ୍ଧନା

ବାଲିଆପାଳ,୨୨/୦୧ (ନି.ପ୍ର): ବାଲିଆପାଳ ଶାରୀରିକ ଶିକ